
ଧରିତ୍ରୀ
DHARITRI
August 31- September 6, 2025 ₹ 2/-

ଧରିତ୍ରୀ DHARITRI 51 Years

ଛୁଟିଦିନ

# ଶିକ୍ଷକ ହେବତ ଏମିତି




୩
ପ୍ରଚ୍ଛଦ ପ୍ରସଙ୍ଗ

# ଦକ୍ଷିଣ ଦିଗର ବାସ୍ତୁ ମାହାତ୍ମ୍ୟ

**ବାସ୍ତୁଶାସ୍ତ୍ର ଅନୁସାରେ, ଦକ୍ଷିଣ ଦିଗକୁ ସ୍ଥିରତା, ଶକ୍ତି ତଥା ବ୍ୟବସାୟିକ ସଫଳତାର ଦିଗ ବୋଲି କୁହାଯାଇଥାଏ। ତେବେ ଏହି ଦିଗରେ କେଉଁ ଜିନିଷକୁ କିପରି ରଖିଲେ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ, ଜାଣନ୍ତୁ ସେ ନେଇ କିଛି ଟିପ୍ସ:**



* ବାସ୍ତୁଶାସ୍ତ୍ର ଅନୁଯାୟୀ, ପ୍ରଭୁ ହନୁମାନଙ୍କର ଫଟୋକୁ ଘରର ଦକ୍ଷିଣ ଦିଗରେ ଲଗାଇବା ଘର ପାଇଁ ଅତ୍ୟନ୍ତ ଶୁଭ ହୋଇଥାଏ। ବିଶେଷକରି ପଞ୍ଚମୁଖୀ ହନୁମାନଙ୍କ ଫଟୋ ଦକ୍ଷିଣ ଦିଗରେ ଲଗାଇଲେ ଘର ମଧ୍ୟକୁ କୌଣସି କୁଶକ୍ତି ପ୍ରବେଶ କରେନାହିଁ ଏବଂ ପରିବାର ଲୋକଙ୍କର ସ୍ୱାସ୍ଥ୍ୟ ଭଲ ରହେ ବୋଲି ବିଶ୍ୱାସ ରହିଛି।
* ପତିପତ୍ନୀଙ୍କୁ ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇବା ଆବଶ୍ୟକ। ଏପରି କଲେ ଦାମ୍ପତ୍ୟ ଜୀବନ ସୁଖମୟ ହେବା ସହ ପତିପତ୍ନୀଙ୍କ ସମ୍ପର୍କ ମଜଭୁତ୍ ହୁଏ ବୋଲି ବିଶ୍ୱାସ ରହିଛି।
* ସୁନା, ରୁପା ଭଳି ମୂଲ୍ୟବାନ ଜିନିଷକୁ ବି ଘରର ଦକ୍ଷିଣ ଦିଗରେ ରଖିବା ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ନିୟମ ପାଳନ କରିବା ଦ୍ୱାରା ଗୃହସ୍ଥଙ୍କ ଜୀବନରେ ଧନର ଅଭାବ ଦେଖାଯାଇ ନ ଥାଏ ବୋଲି ବିଶ୍ୱାସ କରାଯାଏ।
* ମନି ପ୍ଲାଣ୍ଟକୁ ବି ଘରର ଦକ୍ଷିଣ ଦିଗରେ ଲଗାଇବା ଉତ୍ତମ ହୋଇଥାଏ। ଯଦ୍ୱାରା ଘରର ସୁଖ, ଶାନ୍ତି ବୃଦ୍ଧି ପାଇବା ସହ ଯଦି କାହା ପାଖରେ ଆପଣଙ୍କ ଟଙ୍କା ଅଟକି ରହିଥାଏ, ତାହା ଶୀଘ୍ର ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।
* ବାସ୍ତୁଶାସ୍ତ୍ର ଅନୁଯାୟୀ, ଝାଡୁକୁ ଘରର ଦକ୍ଷିଣ ଦିଗରେ ରଖିବା ଉତ୍ତମ ହୋଇଥାଏ। ଏହାଦ୍ୱାରା ଘର ଉପରେ ସର୍ବଦା ମାତା ଲକ୍ଷ୍ମୀଙ୍କର କୃପାଦୃଷ୍ଟି ରହିବା ସହ ଆର୍ଥିକ ସମସ୍ୟା ଦୂରେଇ ଯାଏ ବୋଲି ବିଶ୍ୱାସ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୩୧-ସେପ୍ଟେମ୍ବର ୬, ୨୦୨୫

**ମେଷ**: କର୍ମକ୍ଷେତ୍ରରେ ପ୍ରତିଷ୍ଠା, ମାନସିକ ସ୍ଥିରତା ଆସିବ, ପାରିବାରିକ ଶାନ୍ତି, ଶୁଭଖବର ପାଇବେ, ସ୍ଥଗିତ କାମ ଆରମ୍ଭ, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଶାରୀରିକ ଅସୁସ୍ଥତା, ସହକର୍ମୀଙ୍କ ଅସହଯୋଗ, କଳାସାହିତ୍ୟରୁ ପ୍ରଶଂସା, ସନ୍ତାନ ହେତୁକ ଗୌରବ ।।

**ବୃଷ**: ପାରିବାରିକ ସମସ୍ୟା, ବୈଷୟିକ ଅଭିବୃଦ୍ଧି, ଧନହାନୀରୁ ମନସ୍ତାପ, ନିର୍ମାଣରେ ବିବାଦୀୟ ସ୍ଥିତି, ପ୍ରତିବନ୍ଧକ ଦୂରେଇଯିବ, ପଦୋନ୍ନତିର ସୂଚନା, ଦୂରଯାତ୍ରାର ଯୋଜନା, କ୍ରନିକ୍ ରୋଗରେ ପୀଡ଼ା, ନୂତନ ମିତ୍ରତା, ବ୍ୟବସାୟିକ ସଫଳତା ।।

**ମିଥୁନ**: ନୂତନ କର୍ମାରମ୍ଭ, ପାରିବାରିକ ବିତର୍କ, ବନ୍ଧୁଙ୍କ ପ୍ରେରଣା, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣଜନିତ କ୍ଲାନ୍ତି, ସନ୍ତାନଙ୍କ ବିଶୃଙ୍ଖଳା, ସତ୍‌ସଙ୍ଗର ସୁଯୋଗ ଲାଭ, ଯାନବାହନ ନବୀକରଣ, ଜମିଜମା କାରବାର, ପଡୋଶୀଙ୍କ ପରାମର୍ଶ, ସାଂସ୍କୃତିକ କାର୍ଯ୍ୟକ୍ରମ ।।

**କର୍କଟ**: ପରିସ୍ଥିତି ବଦଳିଯିବ, ମାନସିକ ଶାନ୍ତି ଫେରିବ, ଅର୍ଥସଙ୍କଟରୁ ମୁକ୍ତହେବେ, ସଂସ୍କୃତି ଜ୍ଞାନ ବଢ଼ିବ, ଶିକ୍ଷାରେ ସଫଳତା, ମାମଲାମକଦ୍ଦମାରେ ବିଜୟ, ଉଚ୍ଚସ୍ତରରୁ ସମ୍ମାନିତ ହେବେ, ବାଦବିବାଦର ସମାଧାନ ।।

**ସିଂହ**: କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମନୋରଞ୍ଜନ ପ୍ରତି ଆଗ୍ରହ, କାର୍ଯ୍ୟସିଦ୍ଧିରୁ ଆତ୍ମତୃପ୍ତି, ବ୍ୟୟାଧିକ୍ୟରୁ ଦୁଃଶ୍ଚିନ୍ତା, ନୂତନ ନିଯୁକ୍ତିର ସୁଯୋଗ, ବିବାଦୀୟ ଘଟଣାର ସମାଧାନ, ଜମାରାଶି ପାଇବେ ।।

**କନ୍ୟା**: ଅର୍ଥସଂକଟରୁ କାର୍ଯ୍ୟସ୍ଥଗିତ, ସମ୍ପର୍କୀୟଙ୍କ ସହ ମିତ୍ରତା, ଯୋଗାଣ କାରବାରରେ ଉନ୍ନତି, ଆନୁଷ୍ଠାନିକ କାମରୁ ଆନନ୍ଦ, ଆର୍ଥିକ ସମସ୍ୟା ଦୂରେଇବ, ଦୁଃସାହସିକ ପଦକ୍ଷେପ, ବିଭିନ୍ନ ସୂତ୍ରରୁ ରୋଜଗାର, ପଦମର୍ଯ୍ୟାଦା ବୃଦ୍ଧି, ନୂତନ ବନ୍ଧୁସମ୍ପର୍କ ।।

**ତୁଳା**: ଶାରୀରିକ ସୁସ୍ଥତାରୁ ଆଶ୍ୱସ୍ତି,ବନ୍ଧୁ ମିଳନରୁ ଆନନ୍ଦ, ଭ୍ରମଣ ସୁଯୋଗ ପାଇବେ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ଋଣଗ୍ରସ୍ତ ହୋଇପାରନ୍ତି, ଯାନବାହନରେ ତ୍ରୁଟି, ପରିବହନରେ ଉନ୍ନତି, ଅପ୍ରିୟଭାଷଣରୁ ସମ୍ପର୍କହାନୀ, ବନ୍ଧୁମିଳନର ଆୟୋଜନ ।।

**ବିଛା**: ନୂତନ ଯୋଜନାରମ୍ଭ, ନିର୍ମାଣାଧୀନ କାର୍ଯ୍ୟସ୍ଥଗିତ ରହିବ, ନିଃସଙ୍ଗତା ବୋଧ କରିବେ, ଗୃହୋପକରଣ କ୍ରୟ କରିପାରନ୍ତି, ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ, ଶାନ୍ତି ଓ ସ୍ଥିରତା ଫେରିବ, ଶୁଭଖବର ପାଇବେ, ଦୂରଯାତ୍ରା କରିପାରନ୍ତି ।।

**ଧନୁ**: ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଅବହେଳାରୁ କର୍ମହାନୀ, ପରିବାରରେ ମତଭେଦ, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ସ୍ଥାନାନ୍ତର ଚିନ୍ତା କରିବେ, ବୃତ୍ତିବାଣିଜ୍ୟରେ ସଫଳତା, ବାଣିଜ୍ୟରେ ପ୍ରତିବନ୍ଧକ ।।

**ମକର**: ମାନସିକ ଅସ୍ଥିରତା, ଯୋଜନା ଅସମ୍ପୂର୍ଣ୍ଣ ରହିବ, ପଡୋଶୀଙ୍କ ସୁପରାମର୍ଶ, ଯାନ୍ତ୍ରିକ ଜିନିଷର ମରାମତି, ଲୋକସମ୍ପର୍କ ବୃଦ୍ଧି ପାଇବ, ପଡୋଶୀଙ୍କ ଆକ୍ଷେପୋକ୍ତି, ଶୁଭଖବର ପାଇବେ, ଏଜେନ୍ସିପରୁ ଖୁସି ରହିବେ, ସାମ୍ବାଦିକତାରୁ ଗୌରବ, ବିଦେଶଯାତ୍ରାର ସୁଯୋଗ ।।

**କୁମ୍ଭ**: ଅନୁକୂଳ ପରିବେଶ, ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଅସହଯୋଗ, କଚେରୀମାମଲାରେ ବାଧା, ବାଣିଜ୍ୟର ଅଭିବୃଦ୍ଧି, ତୀର୍ଥାଟନ କରିପାରନ୍ତି, ଭ୍ରାତୃସମ୍ପର୍କରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆହ୍ୱାନ, ପରୀକ୍ଷାରେ ସଫଳତା ।।

**ମୀନ**: ଆନୁଷ୍ଠାନିକ କାମର ଆୟୋଜନ, ପ୍ରତିକୂଳ ପରିସ୍ଥିତିର ଚାପ, ବୁଝାମଣା ଠିକ୍ ରହିବନି, ଯାତ୍ରାରେ ସଫଳତା, ପ୍ରତୀକ୍ଷିତ ଖବରଟି ପାଇବେ, ପକ୍ଷପାତିତାରୁ ସମାଲୋଚନା, ପାରିବାରିକ ଶାନ୍ତି, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ବିବାଦରେ ବିଜୟ, ନୂତନ ବନ୍ଧୁ ସମ୍ପର୍କ ଗଢ଼ିବେ ।।

# ଗ୍ରୀନ୍ ଟିର ସ୍ୱାସ୍ଥ୍ୟପଯୋଗୀ ଗୁଣ



**ଅ**ଧିକାଂଶ ଲୋକଙ୍କର ସକାଳୁ ଚା' ପିଇବାର ଅଭ୍ୟାସ ଥାଏ। ହେଲେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ସକାଳୁ ଖାଲି ପେଟରେ ଚା' ପିଇବା ଶରୀର ପକ୍ଷେ ଆଦୌ ହିତକର ହୋଇ ନଥାଏ। ବିଶେଷ କରି କ୍ଷୀର ଚା' କି ଅମ୍ଳୀ ଚା' ପିଇବା ଆଦୌ ଭଲ ନୁହେଁ। ଏହା ପରିବର୍ତ୍ତେ କେହି କେହି ଗ୍ରୀନ୍ ଟି ପିଇବାକୁ ପରାମର୍ଶ ଦେଇଥାନ୍ତି। କାରଣ ଗ୍ରୀନ୍ ଟିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଥାଏ ; ଯଦ୍ୱାରା ଏହାକୁ ପିଇଲେ ଶରୀରକୁ ଅନେକ ସୁଫଳ ମିଳେ। ଯେମିତିକି, ଏହା ପାଚନ କ୍ରିୟାରେ ସୁଧାର ଆଣିବା ସହ ଶରୀରର ତାପମାତ୍ରା ଓ ଓଜନକୁ ନିୟନ୍ତ୍ରଣରେ ରଖିଥାଏ, କୋଲେଷ୍ଟ୍ରଲ୍‌କୁ କମ୍ କରିଥାଏ, କ୍ୟାନସର୍ ଜୀବାଣୁ ସହ ଲଢ଼ିବାକୁ ଶରୀରକୁ ଶକ୍ତି ଯୋଗାଇବା ସହ ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ବି ଏହା ବୃଦ୍ଧି କରିଥାଏ। କେବଳ ସେତିକି ନୁହେଁ, ମୁଖ ଦୁର୍ଗନ୍ଧ ଦୂର କରିବା ସହ ତ୍ୱଚା ଓ କେଶର ଚମକ୍ ଫେରେଇ ଆଣିବାରେ ବି ଏହା ଅନେକ ସାହାଯ୍ୟ କରିଥାଏ। ତେବେ କିଛି ଲୋକଙ୍କ କ୍ଷେତ୍ରରେ ଏହାକୁ ଖାଲି ପେଟରେ ପିଇବା ଦ୍ୱାରା ପେଟ ଜନିତ ସମସ୍ୟା ଉପୁଜୁଥିବାର ଦେଖିବାକୁ ମିଳୁଛି। ତେଣୁ ଏହାକୁ ଜଳଖିଆ ଖାଇବାର ଏକ ଘଣ୍ଟା ପରେ ଚାହିଁଲେ ପିଇପାରିବେ।

## ପାଠକୀୟ

* ହାତରେ କ୍ୟାମେରା ଧରି ଜଙ୍ଗଲ ଜଙ୍ଗଲ ଘୁରି ବୁଲନ୍ତି। ଲେନ୍ସରେ ଦେଖନ୍ତି ପ୍ରାଣିଜଗତ। ଅନେକ ଅପେକ୍ଷା ପରେ ଯେବେ ପାଆନ୍ତି ଏକ ପରଫେକ୍ଟ ଶଟ୍ ଭୁଲିଯାଆନ୍ତି ସବୁ କଷ୍ଟ। ପାଆନ୍ତି ଆତ୍ମତୃପ୍ତି। ଏ ହେଉଛି ଜଣେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍‌ଙ୍କ ଜୀବନ। ଓଡ଼ିଶାର କେତେଜଣ ଜଣାଶୁଣା ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍‌ଙ୍କ ଜୀବନକାହାଣୀକୁ ନେଇ ପ୍ରସ୍ତୁତ 'ଲେନ୍ସରେ ପ୍ରାଣିଜଗତ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ମନଛୁଆଁ ହୋଇଥିଲା।

***–ପଲ୍ଲବୀ ଧଳ, ଜଗତ୍‌ସିଂହପୁର***

* ସହରର କୋଳାହଳଠୁ ବହୁ ଦୂରରେ ଘଞ୍ଚ ଜଙ୍ଗଲରେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍‌ମାନେ ଘୁରି ବୁଲନ୍ତି। ହାତରେ ସେମାନଙ୍କର ଥାଏ କ୍ୟାମେରା। ହିଂସ୍ର ବନ୍ୟପ୍ରାଣୀଙ୍କର ଭୟ ବି ସେମାନଙ୍କ ପାଦକୁ ଅଟକାଇ ପାରେନା। ସେମିତି କେତେଜଣ ଓଡ଼ିଶାର ଖ୍ୟାତନାମା ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍‌ଙ୍କ ସମ୍ପର୍କରେ ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗାୟିକା, ବୈଜ୍ଞାନିକା ପୁଷ୍ପଶ୍ରୀ ମିଶ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

***– ରଘୁବର ପ୍ରଧାନ, ଭଦ୍ରକ***

* ସୃଜନ ପୃଷ୍ଠାରେ ସ୍ଥାନିତ 'ଖାଲ ମୁଢ଼ି' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ଅନନ୍ୟାଙ୍କ ଚକୋଲେଟ୍ ଉପାଖ୍ୟାନ', 'ଯଦି ଆଦିତ୍ୟ ଅଫର ଦେଇ ନଥାନ୍ତେ', 'ମନ୍ତ୍ରମୁଗ୍ଧ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ଲେଖକ ଇଂ ଆଶୁତୋଷ ଧଳଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା।

***–ପ୍ରତିପଦ୍ମା ଦାଶ, କଟକ***

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଟ୍ରେଣ୍ଡି ହ୍ୱାଇଟ୍ କଲର୍ ନେଲ୍‌ଆର୍ଟ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ଖଣ୍ଡପଡ଼ା ରାଜବାଟୀ' ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଛୁଟିଦିନର ସ୍ୱତନ୍ତ୍ର ପୃଷ୍ଠାରୁ ଜାଣିହେଲା। ହାଃ ହାଃ ବି ବେଶ୍ ମଜାଦାର୍ ହୋଇଥିଲା। କନ୍ଦାରିୟା ମହାଦେବ ମନ୍ଦିର ସମ୍ପର୍କରେ ବି ବହୁ ଅଜଣା କଥା ସହର ପୃଷ୍ଠାରୁ ଜାଣିହେଲା।

***– ରୂପେଶ ଦ୍ୱିବେଦୀ, ନରସିଂହପୁର***

* 'ଟଏଲେଟ୍ ଡୋର୍ ତଳପଟେ ଗ୍ୟାପ୍ ଥାଏ କାହିଁକି' ସେ ସମ୍ପର୍କରେ ବହୁ ଅଜଣା କଥା ବିବିଧା ପୃଷ୍ଠାରୁ ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଓଃ ଦେଶଭକ୍ତି' ଶୀର୍ଷକ ଆଲେଖ୍ୟଟି ବି ଏକ ସୁନ୍ଦର ଉପସ୍ଥାପନା ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'କୁନି କୋଟିପତି', 'ପେଣ୍ଟ କଲା ଭଳି ଲାଗେ ଏହି ମାଛ', 'କୁମ୍ଭୀର ଯାହାର ଭଉଣୀ' ଆଦି ପାଠର ଉପସ୍ଥାପନା ଶୈଳୀ ମଧ୍ୟ ବେଶ୍ ମଜାଦାର୍ ଥିଲା।

***– ତନୁଜା ସେଠୀ, ଯାଜପୁର***




## ବିଶେଷ ଚିଠି

ଲେନ୍ସରେ ପ୍ରାଣିଜଗତ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ।
ଲାଗୁଥିଲାକ ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ତା'ସାଙ୍ଗକୁ ଭାରୀ ସୁନ୍ଦର ଥିଲା
ତୁମ ସାଥୀର ଉତ୍ତର
ମନ କିଣି ନେଉଥିଲା ପୁଣି
ସିନେମା ପୃଷ୍ଠାର ଖବର।
ଆଉ ଯେତେକ ପୃଷ୍ଠା ରହିଲା
ସବୁକିଛି ଖୁବ୍ ସୁନ୍ଦର ଲାଗୁଥିଲା,
ସତରେ ହେ ପ୍ରିୟ ଛୁଟିଦିନ
ତୁମେ ଲାଗ ସବୁଠୁ ଭିନ୍ନ।


***–ରଶ୍ମିତା ଜେନା,***
***ଝାରପଡ଼ା, ଭୁବନେଶ୍ୱର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଶିକ୍ଷକ ହେବତ ଏମିତି



**କେମିତି ଓ କେଉଁ ପଦ୍ଧତିରେ ଶିକ୍ଷାଦାନ କଲେ ପିଲାଙ୍କର ପାଠପ୍ରତି ଡ଼ର କମିବ ଓ ସେମାନେ ଠିକ୍‌ଭାବେ ଶିକ୍ଷା ଗ୍ରହଣ କରିବେ ସେ କଥା ଏଇ ଗୁରୁମାନଙ୍କୁ ବେଶ୍ ଜଣା...**

**ମା**ତାପିତା ଜନ୍ମ ଦିଅନ୍ତି ଆଉ ଗୁରୁ ଜୀବନରେ ଆଗକୁ ବଢିବାରେ ପଥପ୍ରଦର୍ଶକ ହୁଅନ୍ତି। ସେଇଥିପାଇଁ ଗୁରୁ ସବୁବେଳେ ନମସ୍ୟ। କେମିତି ଓ କେଉଁ ପଦ୍ଧତିରେ ଶିକ୍ଷାଦାନ କଲେ ଛାତ୍ରଟି ଠିକ୍‌ଭାବରେ ଶିକ୍ଷା ଗ୍ରହଣ କରିପାରିବ ସେ କଥା ଗୁରୁଙ୍କୁ ବେଶ୍ ଜଣା। ଏଠାରେ ସେମିତି କେତେଜଣ ଗୁରୁଙ୍କ ସମ୍ପର୍କରେ ଆଲୋଚନା କରାଯାଉଛି, ଯେଉଁମାନେ ଶିକ୍ଷାଦାନ ପଦ୍ଧତିକୁ ସହଜ ଓ ସରଳ କରିବା ସହ ତାକୁ ମଜାଦାର ବି କରିଛନ୍ତି।

## ଅଭିନୟ ମାଧ୍ୟମରେ ଶିକ୍ଷା ଦିଅନ୍ତି ତରୁଣ ସାର୍

ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟରେ ପ୍ରାଥମିକ ଶିକ୍ଷକ ଭାବେ କାମ କରନ୍ତି **ତରୁଣ କୁମାର ଦାଶ**। ଅଗଷ୍ଟ ୨୦୧୪ରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାଙ୍କୁ ସେ ଏଠାରେ ଶିକ୍ଷାଦାନ ଦେଇ ଆସୁଛନ୍ତି। ଚଳିତବର୍ଷ ତାଙ୍କୁ ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ କରାଯାଇଛି। ତରୁଣ ସାର୍‌ଙ୍କ ଘର ଗଞ୍ଜାମର ପୋଡାମରୀ ଗାଁରେ। ସିଟି, ବିଇଡି ଓ ମ୍ୟାଥମେଟିକ୍ସରେ ଏମ୍‌ଏସ୍‌ସି ପରେ ୨୦୦୯ରେ ସେ କେରଳର ଆଡୁରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ଭାବେ ପ୍ରଥମେ ଯୋଗ ଦେଇଥିଲେ। ୨୦୧୨ରେ ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟକୁ ବଦଳି ହୋଇ ଆସିଲେ। ୨ବର୍ଷ ଏଠାରେ ଶିକ୍ଷକତା କରିବା ପରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କୋରାପୁଟରେ ଆସି ସେ ଯୋଗ ଦେଲେ। ଚିରାଚରିତ ପାଠପଢାଠୁ ଟିକେ ଭିନ୍ନ କରିବାକୁ ସେ ସର୍ବଦା ଚେଷ୍ଟା କରିଥାନ୍ତି। ଗପ, ଗୀତ, ଅଭିନୟ ମାଧ୍ୟମରେ ପିଲାମାନଙ୍କୁ ପାଠ ପ୍ରତି ଆକୃଷ୍ଟ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ। ଯଦ୍ଦ୍ୱାରା ପିଲାଟିକୁ ଘୋଷି ଘୋଷି ପାଠକୁ ମନେରଖିବାର ଆବଶ୍ୟକତା ପଡିବନି। ସେ ହସି, ଖେଳି ପାଠକୁ ବୁଝିବ ଆଉ ସେହି ଅନୁଯାୟୀ ତା'କୁ ମନେ ରଖିବ। ତରୁଣ ସାର୍‌ଙ୍କର 'ତରୁଣ କୁମାର ଦାଶ' ନାମରେ ଏକ ଶିକ୍ଷାଭିତ୍ତିକ ୟୁଟ୍ୟୁବ୍ ଚ୍ୟାନେଲ୍ ବି ରହିଛି ; ଯେଉଁଥିରେ ସିଏ ଏନ୍‌ସିଇଆର୍‌ଟିର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ପାଠକୁ ସରଳୀକରଣ କରି ଉଦାହରଣ ଦେଇ ବୁଝାଇବାର ଭିଡିଓ ଅପ୍‌ଲୋଡ୍ କରୁଛନ୍ତି। ସେହିପରି ତାଙ୍କର ଏକ ଏଜୁକେଶନାଲ୍ ବ୍ଲଗ୍ ବି ରହିଛି। ଏହି ଦୁଇଟି ସୋସିଆଲ ମିଡିଆ ଆକାଉଣ୍ଟକୁ ସେ ଚାକିରି କରିବାବେଳୁ ଆରମ୍ଭ କରିଥିଲେ। କିନ୍ତୁ ତାହା ବେଶି ଚର୍ଚ୍ଚିତ ହେଲା କୋଭିଡ୍ ସମୟରେ। ପିଲାମାନଙ୍କର ସ୍କୁଲ୍ ବନ୍ଦ ହୋଇଯିବାରୁ ଅଭିଭାବକମାନେ ତାଙ୍କର ଏହି ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ଅନୁସରଣ କରିବାକୁ ଲାଗିଲେ। ଧୀରେ ଧୀରେ ଏହାର ସବ୍‌ସ୍କ୍ରାଇବର୍ ବଢିଲା, ଅଧିକରୁ ଅଧିକ ପାଠ୍ୟକ୍ରମର ଭିଡିଓ କରିବା ପାଇଁ ଅଭିଭାବକଙ୍କର ମତାମତ ଆସିବାରୁ ତରୁଣ ସାର୍ କ୍ରମେ ଏନ୍‌ସିଇଆର୍‌ଟିର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟର ପ୍ରତ୍ୟେକ ଅଧ୍ୟାୟକୁ ବେଶ୍ ସରଳ କରି ବୁଝାଇବାର ଭିଡ଼ିଓ ଏଥିରେ ଅପ୍‌ଲୋଡ୍ କରିଚାଲିଲେ।

ସମୟ ଏମିତି ଆସିଲା ଯେ, ସାର୍‌ଙ୍କର ଉଭୟ ୟୁଟ୍ୟୁବ୍ ଓ ବ୍ଲଗ୍‌ରେ ଅପ୍‌ଲୋଡ୍ ହୋଇଥିବା ପାଠ୍ୟକ୍ରମର ଭିଡିଓଗୁଡ଼ିକ ୫ଲକ୍ଷ ଭିୟୁଜ୍ ଅତିକ୍ରମ କଲା। ତା'ସହିତ ସ୍କୁଲ୍‌ରେ ତରୁଣ ସାର୍ ପିଲାମାନଙ୍କୁ ବିଭିନ୍ନ ପ୍ରୋଜେକ୍ଟ ମାଧ୍ୟମରେ ବିଜ୍ଞାନ ଶିକ୍ଷା ଦେବା, ଗଣିତର ବିଭିନ୍ନ ସୂତ୍ର ଏବଂ ଟ୍ରିକ୍ସକୁ ସରଳୀକରଣ କରି ପଢାଇବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାନ୍ତି। ଇଂରାଜୀ ଜ୍ଞାନ ବଢାଇବା ପାଇଁ ପ୍ରତି ଶନିବାର ତରୁଣ ସାର୍ ପିଲାମାନଙ୍କୁ ଯେ କୌଣସି ଇଂରାଜୀ ଖବରକାଗଜରୁ ସେମାନଙ୍କ ପସନ୍ଦ ମୁତାବକ (କ୍ରାଇମ୍ ନ୍ୟୁଜ୍‌କୁ ବାଦ୍‌ଦେଇ) ଗୋଟିଏ ଲେଖାଏ ନ୍ୟୁଜ୍ କାଟିକି ଆଣିବା ପାଇଁ କହିଥାନ୍ତି। ସେହି ନ୍ୟୁଜ୍‌ରୁ ସେ କ'ଣ ବୁଝୁଛନ୍ତି ତାକୁ ସଂକ୍ଷିପ୍ତ କରି ଇଂରାଜୀରେ ତାଙ୍କୁ କହିବାକୁ କହିଥାନ୍ତି। ଏହାଦ୍ୱାରା ପିଲାମାନଙ୍କର କରେଣ୍ଟ ନ୍ୟୁଜ୍ ଉପରେ ଜ୍ଞାନ ବଢିବା ସହିତ ଇଂରାଜୀ ଶବ୍ଦ ଜ୍ଞାନ ଏବଂ ବଚନ ଓ ପଠନ ଶକ୍ତିର ମଧ୍ୟ ବିକାଶ ହୋଇପାରୁଛି। ସେହିପରି ପ୍ରୋଜେକ୍ଟରେ ପିଲାମାନଙ୍କୁ ଯେଉଁ ଡ୍ରଇଂ କରିବାକୁ ଦିଆଯାଇଥାଏ, ତାକୁ ଫୋପାଡି ନ ଦେଇ ସେସବୁକୁ ଲାମିନେଟ୍ କରି ତରୁଣ ସାର୍ ନିଜ ପାଖରେ ରଖିଥାନ୍ତି। ପରେ ସେହି ଚିତ୍ରଗୁଡ଼ିକୁ ପାଠପଢାଇଲା ବେଳେ ଉଦାହରଣ ଭାବେ ବ୍ୟବହାର କରନ୍ତି। ନଚେତ୍ ପିଲାମାନଙ୍କ ଭିତରେ ତାହାକୁ ବାଣ୍ଟି, ଚିତ୍ରରେ କ'ଣ ଦେଖୁଛ ସେ ବିଷୟରେ ଦୁଇ ଚାରିଧାଡ଼ି ଇଂରାଜୀରେ ଲେଖିବା ପାଇଁ ସେ କହିଥାନ୍ତି। ସାଇନ୍ସ ପ୍ରୋଜେକ୍ଟରେ ବି ସେ ପିଲାମାନଙ୍କୁ ବହୁତ ସାହାଯ୍ୟ କରିଥାନ୍ତି। ଏଥିସହିତ ତାଙ୍କ ଉଦ୍ୟମରେ ପ୍ରତି ସୋମବାର ସ୍କୁଲ୍‌ର ପ୍ରତ୍ୟେକ ପିଲା ମିଲେଟ୍ସର କିଛି ନା କିଛି ଜଳଖିଆ ଆଣିବାର ଏକ ନିୟମ କରାଯାଇଛି। ଏଥିସହିତ ଅଭିନୟରେ ରୁଚି ଥିବା ସ୍କୁଲର କିଛି ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ତଥା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହାୟତାରେ ତରୁଣ ସାର୍ କେତୋଟି ସମାଜ ସଚେତନତା ଧର୍ମୀ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ବି କରିଛନ୍ତି। ୨୦୨୨ରୁ ସେ ଏହି କାମ କରିଆସୁଛନ୍ତି। 'ସଡ଼କ' ଥିଲା ତରୁଣ ସାର୍‌ଙ୍କ ପ୍ରଯୋଜିତ, ନିର୍ଦ୍ଦେଶିତ ତଥା ଲିଖିତ ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ତରଫରୁ ସଡ଼କ ସୁରକ୍ଷା ଉପରେ ଏକ ନ୍ୟାଶନାଲ୍ ରୋଡ୍ ସେଫ୍ଟି ଶର୍ଟ ଫିଲ୍ମ ଫେଷ୍ଟିଭାଲ୍‌ର ଆୟୋଜନ କରାଯାଇଥିଲା ; ଯେଉଁଥିରେ ଏହି ଫିଲ୍ମରେ ଅଭିନୟ କରିଥିବା ଦୁଇଜଣ ଛାତ୍ରୀ ଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେହି ପିଲା ଦୁହିଁଙ୍କୁ ପାର୍ଲାମେଣ୍ଟର ସେଣ୍ଟ୍ରାଲ୍ ହଲ୍‌ରେ ସ୍ପିଚ୍ ଦେବାର ସୁଯୋଗ ମିଳିଥିଲା। ସେହିପରି ଏଡ୍‌ସ ସଚେତନତାକୁ ନେଇ 'ପରିବର୍ତ୍ତନ', ସଡ଼କ ସୁରକ୍ଷାକୁ ନେଇ ଆଉ ଏକ ଶର୍ଟ ଫିଲ୍ମ 'ମାଷ୍ଟର ଜୀ', 'ହର୍ ଘର୍ ତ୍ରିରଙ୍ଗା', ସଡ଼କ ସୁରକ୍ଷାକୁ ନେଇ ତୃତୀୟ ଶର୍ଟ ଫିଲ୍ମ 'ବଚୋଁ କି ଜୁବାନୀ', ପଲିଥିନ୍‌ର ଅପକାରିତାକୁ ନେଇ 'ଦାଦାଜୀକା ଥେଲା', ପୋଲିଓଗ୍ରସ୍ତ ଝିଅଟେ କେମିତି ସ୍କୁଲରେ ପାଠ ପଢିପାରିବ ତାକୁ ନେଇ 'ପହିୟା କୁର୍ସି' ନାଁରେ ବି ଶର୍ଟ ଫିଲ୍ମ ତରୁଣ ସାର୍ କରିଛନ୍ତି। 'ଦାଦାଜୀକା ଥେଲା' ନ୍ୟାଶନାଲ୍ ଆୱାର୍ଡ ପାଇଛି। 'ପହିୟା କୁର୍ସି' ବି ନ୍ୟାଶନାଲ୍ ଆୱାର୍ଡ ପାଇବା ସହ ଏଥିରେ ଅଭିନୟ କରିଥିବା ସ୍କୁଲ୍‌ର ୫ମ ଶ୍ରେଣୀର ଛାତ୍ର ଏବଂ ୨ୟ ଶ୍ରେଣୀର ଛାତ୍ରୀଙ୍କୁ ବି ବେଷ୍ଟ ଆକ୍ଟର ଆକ୍ଟ୍ରେସ୍‌ର ଆୱାର୍ଡ ମିଳିଛି। ପିଲାମାନଙ୍କ ଟ୍ୟାଲେଣ୍ଟକୁ ନ୍ୟାଶନାଲ ଲେଭଲ୍‌ରେ ପହଞ୍ଚାଇବାର ଏ ଯେଉଁ ପ୍ରୟାସ ତରୁଣ ସାର୍‌ଙ୍କର ରହିଛି ତାହା ସତରେ ପ୍ରଶଂସାଯୋଗ୍ୟ। ଏନେଇ ତରୁଣ ସାର୍ କୁହନ୍ତି, 'ପିଲାମାନେ ହେଉଛନ୍ତି ମାଟି ପିଣ୍ଡୁଳା, ତାଙ୍କୁ ଆମେ ଯେମିତି ଗଢିବା ସେ ସେମିତି ଗଢିହେବେ। ପ୍ରତ୍ୟେକ ପିଲାଙ୍କ ଭିତରେ କିଛି ନା କିଛି ଟାଲେଣ୍ଟ ରହିଛି, ବାସ୍ ତାକୁ ବୁଝିପାରି ସେହି ଦିଗରେ ତାଙ୍କୁ ଅଗ୍ରସର କରାଇପାରିଲେ ସେମାନେ ସଫଳତାର ଶୀର୍ଷକୁ






ତରୁଣ କୁମାର ଦାଶ



ବସନ୍ତ କୁମାର ରଣା

ଯାଇପାରିବେ। ମୁଁ ବାସ୍ ସେହି ପ୍ରୟାସ ହିଁ କରୁଛି। ଏ କ୍ଷେତ୍ରରେ ମୋ ସହକର୍ମୀ ଏବଂ ମୋର କେତେଜଣ ପୂର୍ବ ଛାତ୍ର ବି ମୋତେ ଯଥେଷ୍ଟ ସାହାଯ୍ୟ ସହଯୋଗ କରି ଆସିଛନ୍ତି। ତେଣୁ ମୋ ସଫଳତାର ଶ୍ରେୟ ସେମାନଙ୍କ ସହ ବାଣ୍ଟିବାକୁ ଚାହିଁବି।''

## କଣ୍ଢେଇ ଖେଳ ମାଧ୍ୟମରେ ଶିକ୍ଷାକୁ ଗୁରୁତ୍ୱ ଦିଅନ୍ତି ବସନ୍ତ ସାର୍

ମାଲକାନଗିରି କଣ୍ଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହେଲେ **ବସନ୍ତ କୁମାର ରଣା**। ସ୍ୱର୍ଗତ ତ୍ରିନାଥ ରଣା ଓ ଉଷା ରଣାଙ୍କର ସେ ସୁଯୋଗ୍ୟ ସନ୍ତାନ। ଘର ଗଞ୍ଜାମରେ ହୋଇଥିଲେ ହେଁ ବାପା ଯେହେତୁ ମାଲକାନଗିରିରେ ଚାକିରି କରୁଥିଲେ ତେଣୁ ତାଙ୍କର ସ୍କୁଲ୍, କଲେଜ ପାଠପଢ଼ା ସବୁ ଏହି ଅଞ୍ଚଳରେ ହୋଇଥିଲା। ଫିଜିକ୍ସ ଅନର୍ସରେ ବିଏସ୍‌ସି ପାସ୍ କରିବା ପରେ ୧୯୯୨ରେ ସେ ପ୍ରଥମେ ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଓରଗେଲ୍ ପ୍ରାଇମେରୀ ସ୍କୁଲରେ ଜଏନ୍ କରିଥିଲେ। ପରେ ତାଙ୍କର ବିଭିନ୍ନ ସ୍କୁଲ୍‌କୁ ବଦଳି ହୋଇଥିଲା। ୨୦୨୨ରେ ସେ ଆସି କଣ୍ଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇଥିଲେ। ଆଉ ତା'ରି ଭିତରେ ସେ ବିଏଡ୍, ଫିଜିକ୍ସରେ ଏମ୍.ଏସ୍‌ସି. ବି ପାସ୍ କରିଥିଲେ। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ସ୍କୁଲରେ ପାଠ ପଢାଉଥିଲେ ହେଁ ବସନ୍ତ ସାର୍ କିନ୍ତୁ ବେଶି ଗୁରୁତ୍ୱ ଦେଇଥାନ୍ତି ଫାଉଣ୍ଡେଶନ୍ ଷ୍ଟେଜ୍‌କୁ, ଅର୍ଥାତ୍ ଶିଶୁବାଟିକାରୁ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ। ତାଙ୍କ ମତରେ, ଏହି ସମୟରେ ପିଲାମାନଙ୍କର ପ୍ରାୟ ୮୫ ପ୍ରତିଶତ ମସ୍ତିଷ୍କ ବିକାଶ ହୋଇଥାଏ, ଆଉ ୧୫ ପ୍ରତିଶତ ବାକି ଜୀବନରେ ହୁଏ। ତେଣୁ ଏହି ସମୟଟା ହେଉଛି ପିଲାଙ୍କ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରୁ ଯଦି ପିଲାଟି ପାଠକୁ ନ ଡରି ବେଶ୍ ଖୁସି ମନରେ ସ୍କୁଲ୍‌କୁ ଆସିଲା, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆନନ୍ଦରେ ମିଶିଲା, ସ୍କୁଲ୍‌ରେ ଯାହା ବି ଶିକ୍ଷା ଦିଆଯାଉଛି ତାକୁ ଭଲ ଭାବେ ବୁଝିକି ମନେ ରଖିଲା, ତା'ହେଲେ ପରବର୍ତ୍ତୀ ସମୟରେ ପାଠପଢା ଏକ ବୋଝ ବୋଲି ତାକୁ ଆଉ ଲାଗିବ ନାହିଁ। ସେଥିପାଇଁ ବସନ୍ତ ସାର୍ ଏହି ବୟସର ପିଲାଙ୍କୁ ଖେଳରେ ଖେଳରେ ଶିକ୍ଷାଦାନ ଦେବା ପାଇଁ ଅଦରକାରୀ କାର୍ଡବୋର୍ଡ ହେଉ କି ମାଟି ଅଥବା ରଙ୍ଗିନ କାଗଜରେ ତିଆରି ବିଭିନ୍ନ ପ୍ରକାର ଖେଳଣା ଯେମିତି କି ସ୍ୟାଡୋ ପପେଟ୍, ମାସ୍କ ପପେଟ୍, ଫିଙ୍ଗର୍ ପପେଟ୍, ସକ୍ସ ଓ ଗ୍ଲୋଭ୍ସରେ ଉଲ୍ ସାହାଯ୍ୟରେ ବିଭିନ୍ନ ଡିଜାଇନ୍ କରି ସେସବୁକୁ ଶିକ୍ଷାର ଉପକରଣ ଭାବେ ବ୍ୟବହାର କରିଥାନ୍ତି। ଏଥିସହିତ ନାଚ, ଗୀତ, ଗପ, ଅଭିନୟ ତଥା ସ୍ୟାଡୋ ପପେଟ୍ ଥିଏଟର ମାଧ୍ୟମରେ ପିଲାଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ଦେବାର ପ୍ରୟାସ ବି କରିଥାନ୍ତି। ଛୋଟପିଲାଙ୍କର ମୌଖିକ ଭାଷା ବିକାଶ କେମିତି ହେବ, ସେ କେମିତି ଅକ୍ଷର ଚିହ୍ନିବେ, ଶବ୍ଦ ଚିହ୍ନିବେ, ବିଭିନ୍ନ ପ୍ରକାର ଧ୍ୱନିକୁ ବୁଝିପାରିବେ, ପାଠ ପଢ଼ିବା ଓ ଲେଖିବା କେମିତି ଜାଣିପାରିବେ, ସେ ନେଇ ବି ବସନ୍ତ ସାର୍ ଖୁବ୍ ଯତ୍ନଶୀଳ ଥାନ୍ତି। ଏ ନେଇ ଏନ୍‌ସିଆର୍‌ଟି ତରଫରୁ ସେ ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନଠାରେ ହୋଇଥିବା ୫ ଦିନିଆ କର୍ମଶାଳାରେ ସ୍ୱତନ୍ତ୍ର ତାଲିମ ମଧ୍ୟ ନେଇଛନ୍ତି। ସେହିପରି ବିଦ୍ୟାଳୟର ବଡ଼ ପିଲାମାନଙ୍କୁ ବହିପାଠ ବ୍ୟତୀତ ବ୍ୟବହାରିକ ଜ୍ଞାନ ପାଇଁ ସେ ଚେଷ୍ଟା କରି ଆସିଛନ୍ତି। ଯେମିତି କି ପିଲାମାନଙ୍କୁ ବିଭିନ୍ନ ଅଦରକାରୀ ଜିନିଷକୁ ବ୍ୟବହାର କରି ଘରକରଣା ବା ଘରସଜ୍ଜା ଜିନିଷ କିପରି ତିଆରି କରିହେବ ସେ ବିଷୟରେ ଶିଖାଇବା, ଟଙ୍କାପଇସାର ହିସାବକିତାବ ଜାଣିବା ସହ ବଜାରର ଦରଦାମ୍ ସମ୍ପର୍କରେ ଜ୍ଞାନ ଦେବା ପାଇଁ ସେମାନଙ୍କୁ ମଝିରେ ମଝିରେ ଗାଁ ହାଟକୁ ନେବା, ବ୍ୟାଙ୍କରେ ଫର୍ମ ଫିଲପ୍ କେମିତି କରାଯାଏ, ଟଙ୍କା କେମିତି ଡିପୋଜିଟ୍ କରାଯାଏ କେମିତି ଉଠାଯାଏ, ସେଥିପାଇଁ ତାଙ୍କୁ ବ୍ୟାଙ୍କକୁ ନେବା, ପଞ୍ଚାୟତ ଅଫିସ୍‌କୁ ନେଇ ସେଠାକାର କାର୍ଯ୍ୟ ସମ୍ପର୍କରେ ବୁଝାଇବା, କୁମ୍ଭାରଶାଳକୁ ନେଇ ମାଟିପାତ୍ର କେମିତି ଗଢାଯାଇଥାଏ, ଆଦି ଦେଖାଇଥାନ୍ତି। ଏହାଛଡ଼ା ବୃକ୍ଷରୋପଣ, କଲମୀକରଣ ବିଷୟରେ ବି ଶିକ୍ଷା ଦେଇଥାନ୍ତି। ସାର୍‌ଙ୍କ ଉଦ୍ୟମରେ ସ୍କୁଲରେ ଏକ ହର୍ବାଲ୍ ଗାର୍ଡେନ୍, କିଚେନ୍ ଗାର୍ଡେନ୍, ଫ୍ଲାୱାର୍ ଗାର୍ଡେନ୍ ଗଢିଉଠିଛି। ତା'ସହିତ 'ଏକ୍ ପେଡ୍ ମା'କେ ନାମ୍' ଶୀର୍ଷକ ଏକ କାର୍ଯ୍ୟକ୍ରମ ବି ସେ କରିଛନ୍ତି। ଏଥିରେ ପ୍ରତି ପିଲାଙ୍କୁ ଗୋଟେ ଲେଖାଏ ଗଛ ଦିଆଯାଏ ; ଯାହାକୁ ସେମାନେ ଘରକୁ ନେଇ ନିଜ ମା'ଙ୍କ ସହ ମିଶି ବଗିଚାରେ ଲଗାଇ ତା'ର ଯତ୍ନ ନେଇଥାନ୍ତି। ଏସବୁବ୍ୟତୀତ ଛାତ୍ରୀଛାତ୍ରମାନଙ୍କର ଯେଉଁ ବିଷୟ ବୁଝିବାରେ ଅସୁବିଧା ହେଉଥାଏ, ତାହାକୁ କିପରି ସରଳ ଓ ସହଜ ଉପାୟରେ ବୁଝାଇଲେ ପିଲାଟି ଭଲ ଭାବେ ବୁଝିପାରିବ, ସେ ଚେଷ୍ଟାରେ ସାର୍ ସବୁବେଳେ ରହିଥାନ୍ତି। ଯେମିତି କି ଗଣିତର ବିଭିନ୍ନ ସୂତ୍ର, ପଣିକିଆ, ଅକ୍ଷାଂଶ, ଦ୍ରାଘିମା ଆଦି ସମ୍ପର୍କରେ ପିଲାଙ୍କୁ ବୁଝାଇବା ପାଇଁ କାର୍ଡବୋର୍ଡର ଏକ ସ୍ୱତନ୍ତ୍ର ଡିଜାଇନ୍ କରି ସେ ସ୍କୁଲ୍‌ରେ ରଖିଛନ୍ତି। ସେହିପରି ପିଲାଙ୍କର ଇଂରାଜୀ ଜ୍ଞାନ ବଢାଇବା ପାଇଁ ସେ ଇଂଲିଶ୍ ପିରିୟଡ୍‌ରେ ଭୁଲ୍ ହେଉକି ଠିକ୍ ହେଉ କେବଳ ଇଂରାଜୀରେ ହିଁ କଥା ହେବା ପାଇଁ ଏକ ନିୟମ କରିଛନ୍ତି। ସାଇନ୍ସ ପ୍ରୋଜେକ୍ଟ ତିଆରି କରିବାରେ ବି ବସନ୍ତ ସାର୍ ପିଲାମାନଙ୍କୁ ବହୁ ଉପାଦେୟ ଟିପ୍ସ ଦେଇଥାନ୍ତି। ଏସବୁ ବ୍ୟତୀତ ବସନ୍ତ ସାର୍ ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷାଭିତ୍ତିକ ଟ୍ରେନିଂ କାର୍ଯ୍ୟକ୍ରମରେ ରିସୋର୍ସ ପର୍ସନ ଭାବେ ଯୋଗ ଦେଇସାରିଛନ୍ତି। 'ବସନ୍ତ ରଣା' ନାମରେ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ବି ରହିଛି ; ଯେଉଁଥିରେ ସେ ବିଦ୍ୟାଳୟରେ ପିଲାମାନଙ୍କୁ ନେଇ କରାଯାଉଥିବା ବିଭିନ୍ନ ଶିକ୍ଷଣ କାର୍ଯ୍ୟକ୍ରମକୁ ଅପଲୋଡ୍ କରିଥାନ୍ତି ; ଯାହା ଅନ୍ୟ ପିଲାମାନଙ୍କର ବହୁତ କାମରେ ଆସିଥାଏ। ଶିକ୍ଷା କ୍ଷେତ୍ରରେ ଏସବୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବସନ୍ତ ସାର୍‌ଙ୍କୁ ଜିଲାପାଳଙ୍କ ତରଫରୁ ଦୁଇଥର ବେଷ୍ଟ ଟିଚର୍ ଆୱାର୍ଡ, ଥରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏବଂ ତାଙ୍କ ସ୍କୁଲକୁ ପ୍ରକୃତି ମିତ୍ର ଆୱାର୍ଡ ମିଳିସାରିଛି। ଆଉ ଚଳିତବର୍ଷ ତାଙ୍କ ନାମକୁ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ପାଇଁ ମନୋନୀତ କରାଯାଇଛି। ଏ ନେଇ ବସନ୍ତ ସାର୍ କୁହନ୍ତି, 'ପିଲାମାନଙ୍କୁ ବାଧ୍ୟ କରି କେବେ ବି ପଢାଯାଇ ପାରିବ ନାହିଁ। ସେଥିପାଇଁ ମୁଁ ସ୍କୁଲ୍‌ର ଶିକ୍ଷଣ ପରିବେଶକୁ ଟିକେ ମଜାଦାର୍ କରିବାକୁ ଚେଷ୍ଟା କରିଥାଏ ; ଯଦ୍ୱାରା ପିଲାମାନେ ଖୁସିରେ ସ୍କୁଲ୍ ଆସିବା ସହ ପାଠ ପଢୁଛନ୍ତି। ଏ କ୍ଷେତ୍ରରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ–ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରମାନେ ମୋତେ ବହୁତ ସାହାଯ୍ୟ କରିଥାନ୍ତି। ଧର୍ମପତ୍ନୀ ମମତା କୁମାରୀ ରଣା ଓ ମୋ ଦୁଇପୁଅ ଏବଂ ମୋ ଝିଆରୀ ସଙ୍ଗୀତା ରଣାଙ୍କର ବି ଏ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ରହିଆସିଛି। ତେଣୁ ମୁଁ ସମସ୍ତଙ୍କ ନିକଟରେ କୃତଜ୍ଞ।'

## ଅଭିନବ ଶିକ୍ଷକ ସୁବାଷ ସାର୍

**ସୁବାଷ ଚନ୍ଦ୍ର ସାହୁ**। ବରଗଡ଼ ଜିଲା ପାଇକମାଳ ବ୍ଲକର ପୁଝାରୀପାଲି ଗାଁରେ ତାଙ୍କ ଘର। ୨୦୦୬ରୁ ବମ୍ରିତ ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷକ ଭାବେ ସେ ତାଙ୍କର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ୨୦୧୭ରେ ୫ ବର୍ଷ ପାଇଁ ସେ ସିଆର୍‌ସିସି ରହିଥିଲେ। ସିଆର୍‌ସିସିର କାମ ହେଲା କ୍ଲଷ୍ଟର୍‌ର ସମସ୍ତ ବିଦ୍ୟାଳୟର ବିଭିନ୍ନ ଉନ୍ନତିମୂଳକ କାମ କରିବା। କରୋନା ଆସିବାରୁ ସବୁ କିଛି ଅନୁଷ୍ଠାନ ବନ୍ଦ ହୋଇଗଲା। ସେ ନିଜ ଗାଁ ପୁଝାରୀପାଲିକୁ ଚାଲିଗଲେ। କିନ୍ତୁ ଗାଁରେ ଦେଖିଲେ ପିଲାମାନେ ସ୍କୁଲ ବନ୍ଦ ହୋଇଯିବାରୁ ପାଠ ପଢିପାରୁ ନାହାନ୍ତି। ସେଥିପାଇଁ ସେ ତାଙ୍କ ସ୍କୁଲ୍ ହତା ଭିତରେ ଗ୍ରାମବାସୀଙ୍କ ସହାୟତାରେ ଏକ ମ୍ୟାଥ୍ ପାର୍କ କଲେ। କାରଣ ଗଣିତ ପ୍ରତି ସାଧାରଣ ପିଲାଙ୍କର ଟିକେ ଭୟ ରହିଥାଏ। ସେହି ଭୟକୁ ଛଡ଼ାଇବା ପାଇଁ କାର୍ଡବୋଡ୍‌ରେ ଗଣିତର ବିଭିନ୍ନ ସୂତ୍ର, ମିଶାଣ, ଫେଡାଣ, ହରଣ, ଗୁଣନ ସମ୍ପର୍କିତ ଡିଜାଇନ୍ କରି ତାକୁ ଲାମିନେଟ୍ କରି ସେଠାରେ ଝୁଲାଇଦେଲେ। ପଣିକିଆକୁ ସହଜରେ ମନେ ରଖିବା ପାଇଁ ଏକ ପଣିକିଆ ଚକ୍ରି ବି କଲେ। ତ୍ରିଭୂଜ, ଚତୁଃର୍ଭୁଜ, ଆୟତକାର ତଥା ବିଭିନ୍ନ ଆକୃତିର ସିମେଣ୍ଟ ଚେୟାର୍ କରି ପିଲାମାନଙ୍କୁ ସେ ସମ୍ପର୍କରେ ଜ୍ଞାନ ଦେବାକୁ ଚେଷ୍ଟା କଲେ। ଏଥିସହିତ ଗାଁର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରାସ୍ତା କଡେ କଡେ ଯେତେକ ଗଛ ରହିଥିଲା ସେଥିରେ ବିଭିନ୍ନ ରଙ୍ଗରେ ପେଣ୍ଟ କରି କେଉଁଥିରେ ଅ, ଆ..ତ କେଉଁଥିରେ ୧,୨,୩,୪.., ଆଉ କେଉଁଥିରେ ବିଭିନ୍ନ ଫୁଲ, ଫଳ, ବିଶିଷ୍ଟ ବ୍ୟକ୍ତିଙ୍କର ଚିତ୍ର, ମିଶାଣ, ଫେଡାଣ, ବିଭିନ୍ନ ସାଧାରଣ ଜ୍ଞାନ ସମ୍ପର୍କିତ ଲେଖାକୁ ଲେଖିଦେଲେ। ପିଲାମାନଙ୍କୁ ପ୍ରତିଦିନ କିଛି କିଛି ସମୟ ପଢେଇବାକୁ ଲାଗିଲେ। ଏଥିସହିତ ବୃକ୍ଷରୋପଣ ଉପରେ ବି ସେ ଗୁରୁତ୍ୱ ଦେଉଥିଲେ। କରୋନା ଯିବା ପରେ ସେ କୁଧେରନପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେରେ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେଲେ: ଯେଉଁଠାରେ ଏବେ ବି ସେ କାର୍ଯ୍ୟରତ। ସିଆର୍‌ସିସି ଭାବେ ଯାହାବି ତାଙ୍କର ସ୍କୁଲ୍‌ର ଉନ୍ନତି କ୍ଷେତ୍ରରେ ଜ୍ଞାନ ଥିଲା, ସେସବୁ କାର୍ଯ୍ୟକୁ ସେ ଏହି ସ୍କୁଲ୍‌ରେ




ସୁବାଷ ଚନ୍ଦ୍ର ସାହୁ





ଅଜୟ କୁମାର ମଲ୍ଲିକ

କରିବାକୁ ଲାଗିଲେ। ନିଜ ଗାଁ ଭଳି ଏହି ସ୍କୁଲ୍‌ରେ ବି ସେ ଏକ ମ୍ୟାଥ୍ ପାର୍କ କଲେ। ତା'ସହିତ ପିଲାମାନଙ୍କୁ କାର୍ଡବୋର୍ଡ ହେଉକି ଅନ୍ୟାନ୍ୟ ଅଦରକାରୀ ଜିନିଷ ମାଧ୍ୟମରେ ବିଭିନ୍ନ ପ୍ରକାର ଶିକ୍ଷଣ ଉପକରଣମାନ ତିଆରି କରିବାର ଶିକ୍ଷା ଦେଲେ। ଯୋଗ, ପରିଷ୍କାର, ପରିଚ୍ଛନ୍ନତା, ବୃକ୍ଷରୋପଣ ଉପରେ ବି ସେ ଗୁରୁତ୍ୱ ଦେଉଥିଲେ। ଯେଉଁଥିପାଇଁ ସୁବାଷ ସାର୍‌ଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ ଓ ତାଙ୍କ ସ୍କୁଲ୍‌କୁ ପ୍ରକୃତି ମିତ୍ର ସମ୍ମାନ ମିଳିସାରିଛି। ଏଥିସହିତ ସୁବାଷ ସାର୍ ପିଲାମାନଙ୍କର ସାଧାରଣ ଜ୍ଞାନ ବଢାଇବା ପାଇଁ କୌନ ବନେଗା କରୋଡ଼ପତି ଭଳି 'କୌନ ବନେଗା ସୈକଡ଼ାପତି' ନାମରେ ଆଉ ଏକ କାର୍ଯ୍ୟକ୍ରମ ମଧ୍ୟ ସ୍କୁଲ୍‌ରେ ଆରମ୍ଭ କରିଛନ୍ତି। ଏଥିରେ ପ୍ରତି ଶନିବାର ଦିନ ଶେଷ ପିରିୟଡ୍‌ରେ ପିଲାମାନଙ୍କୁ ଏକାଠି କରି ଗୋଟେ ପ୍ରଶ୍ନ ପଚରାଯାଇଥାଏ। ଯିଏ ପ୍ରଥମେ ସଠିକ୍ ଉତ୍ତର ଦିଏ, ସିଏ ହଟ୍ ସିଟ୍‌କୁ ଯାଏ। ଗୋଟେ ସିଟ୍‌ରେ ପିଲା ବସେ, ଆର୍ ସିଟ୍‌ରେ ସୁବାଷ ସାର୍ ବସନ୍ତି। କମ୍ପ୍ୟୁଟର୍ ବଦଳରେ ଦୁଇଟି କାର୍ଡବୋର୍ଡକୁ କମ୍ପ୍ୟୁଟର ଭଳି କରି ସେଥିରେ ୨୦ଟି ପ୍ରଶ୍ନ ଲେଖାଯାଇଥାଏ। ପ୍ରତି ପ୍ରଶ୍ନର ସଠିକ୍ ଉତ୍ତରକୁ ୫ଟଙ୍କା ଲେଖାଏଁ କରି ୨୦ଟି ପ୍ରଶ୍ନର ସଠିକ୍ ଉତ୍ତର ପାଇଁ ଶହେ ଟଙ୍କା ଦିଆଯାଇଥାଏ। ଏହି କମ୍ପିଟିଶନରେ ୩ଟି ଲାଇଫ୍‌ଲାଇନ୍ ଯେମିତିକି ଅଡିଏନ୍ସ ପୋଲ୍, ୫୦/୫୦, ଫୋନ୍ ଏ ଫ୍ରେଣ୍ଡର ସୁବିଧା ମଧ୍ୟ ଦିଆଯାଇଥାଏ। ପିଲାମାନଙ୍କର ବୌଦ୍ଧିକ ବିକାଶ କ୍ଷେତ୍ରରେ ସୁବାଷ ସାର୍‌ଙ୍କର ଏହି ପ୍ରଚେଷ୍ଟା ସତରେ ସ୍ୱାଗତଯୋଗ୍ୟ। ଏନେଇ ସୁବାଷ ସାର୍ କୁହନ୍ତି, 'ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି କେମିତି ହେବ ସେନେଇ ମୋର ଚେଷ୍ଟା ସବୁବେଳେ ରହିଥାଏ। ସେଥିପାଇଁ ମୁଁ ଏମିତି କିଛି ଅଭିନବ ଉପାୟ ଆପଣେଇଥାଏ ; ଯାହା ମୋତେ ଖୁସି ଦିଏ। ଏକ୍ଷେତ୍ରରେ ମୋତେ ସହଯୋଗ କରୁଥିବା ଛାତ୍ରଛାତ୍ରୀ, ଅଭିଭାବକ ତଥା ସହକର୍ମୀମାନଙ୍କୁ ଧନ୍ୟବାଦ ଦେଉଛି।'

## ନାଚ, ଗୀତ ମାଧ୍ୟମରେ ପାଠ ପଢାନ୍ତି ଅଜୟ ସାର୍

ସଲମନଗୁଡ଼ା ୟୁ.ପି ସ୍କୁଲ୍, କୋରାପୁଟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାମ କରନ୍ତି **ଅଜୟ କୁମାର ମଲ୍ଲିକ**। ଘର ଯାଜପୁରରେ। ଆଜକୁ ୯ ବର୍ଷ ହେବ ସେ ଏହି ବିଦ୍ୟାଳୟରେ ଶିକ୍ଷକତା କରିଆସୁଛନ୍ତି। ୬ଷ୍ଠରୁ ୮ମ ଶ୍ରେଣୀ ପିଲାଙ୍କୁ ପଢାଇବା ସହ ସପ୍ତାହରେ ଦୁଇ ଦିନ ସେ ଶିଶୁବାଟିକାରୁ ୩ୟ ଶ୍ରେଣୀ ପିଲାଙ୍କର କ୍ଲାସ ନେଇଥାନ୍ତି। ଅଜୟ ସାର୍ ଚିରାଚରିତ ପାଠପଢାଠୁ କିଛି ଭିନ୍ନ କରିବାକୁ ସର୍ବଦା ଚେଷ୍ଟା କରିଥାନ୍ତି। ନାଚ, ଗୀତ ମାଧ୍ୟମରେ ପିଲାମାନଙ୍କୁ ପାଠପଢାରେ ମଜ୍ଜେଇ ରଖିବାର ସ୍ୱତନ୍ତ୍ର କଳା ତାଙ୍କୁ ବେଶ୍ ଜଣା। ଏଥିସହିତ କାର୍ଡବୋର୍ଡ ହେଉକି ରଙ୍ଗୀନ କାଗଜ ଅଥବା କିଛି ଅଦରକାରୀ ଜିନିଷକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ଖେଳଣା, ଶିକ୍ଷଣ ସାମଗ୍ରୀମାନ ତିଆରି କରି, ତା'ମାଧ୍ୟମରେ ବି ପିଲାମାନଙ୍କୁ ସେ ଶିକ୍ଷାଦାନ ଦେଇଥାନ୍ତି। ଖେଳଣା ତିଆରି କରିବାରେ ସେ ପିଲାମାନଙ୍କୁ ବି ସାମିଲ କରିଥାନ୍ତି। ଯଦ୍ୱାରା ପିଲାମାନଙ୍କର ନୂଆ ଜିନିଷ ଶିଖିବା ପ୍ରତି ଆଗ୍ରହ ବଢିଥାଏ। ପିଲାମାନଙ୍କୁ ଯୋଗ ଶିଖାଇବା, ପରିଷ୍କାର, ପରିଚ୍ଛନ୍ନତା ବିଷୟରେ ସଚେତନତା କରିବା, ସେମାନଙ୍କୁ ବିଭିନ୍ନ ଖେଳ ସମ୍ପର୍କରେ ଜ୍ଞାନ ଦେବାରେ ବି ଅଜୟ ସାର୍‌ଙ୍କ ଯଥେଷ୍ଟ ଭୂମିକା ରହିଥାଏ। ସେହିପରି ବିଦ୍ୟାଳୟର ବଡ଼ ପିଲାମାନଙ୍କୁ କିଛିଟା ଧନ୍ଦାମୂଳକ ଶିକ୍ଷା ଦେବା ଯେମିତିକି ବିଞ୍ଚଣା ତିଆରି କରିବା, କାଗଜରେ ବିଭିନ୍ନ କଣ୍ଢେଇ ତିଆରି କରିବା, ମାଟିରେ ବିଭିନ୍ନ ପ୍ରକାରର ବାସନକୁସନ ତିଆରି କରିବାର ତାଲିମ୍ ବି ଅଜୟ ସାର୍ ଦେଇଛନ୍ତି। ବୃକ୍ଷରୋପଣ ଉପରେ ବି ସେ ବେଶ୍ ଗୁରୁତ୍ୱ ଦେଇଥାନ୍ତି। ବିଭିନ୍ନ ପ୍ରକାରର ପତ୍ରକୁ ବ୍ୟବହାର କରି କିପରି ଏକ ସୁନ୍ଦର ଡିଜାଇନ୍ କରିହେବ ସେ ନେଇ ତାଲିମ୍ ଦିଅନ୍ତି ସାର୍। ଅଧିକରୁ ଅଧିକ ପିଲା ସ୍କୁଲ୍ କେମିତି ଆସିବେ, ସେମାନେ ଅଧାରୁ କେମିତି ପାଠପଢା ନଛାଡିବେ, ସେ ନେଇ ଗାଁ ଗାଁ ବୁଲି ସଚେତନତା ସୃଷ୍ଟି କରାଇବାରେ ବି ଅଜୟ ସାର୍‌ଙ୍କର ଭୂମିକା ସତରେ ପ୍ରଶଂସନୀୟ। ଏନେଇ ଅଜୟ ସାର୍ କୁହନ୍ତି, 'ମୋତେ ପିଲାମାନଙ୍କୁ ହସିଖେଳି ପଢାଇବାକୁ ବହୁତ ମଜା ଲାଗେ। ସେ ନେଇ ଶିକ୍ଷା ବିଭାଗ ତରଫରୁ ସ୍ୱତନ୍ତ୍ର ଟ୍ରେନିଂ ବି ନେଇଛି। ମ୍ୟାଥ୍‌ମ୍ୟାଟିକ୍ସରେ ଏମ୍‌ଏସ୍‌ସି ସହ ଏଲ୍‌ଏଲ୍‌ବି ପାସ୍ କରିଛି। ସିଭିଲ୍ ସର୍ଭିସ୍‌ରେ ଇଚ୍ଛା ଥିଲା, କିନ୍ତୁ ଦୁଇ ଦୁଇଥର ଭାଇଭାରୁ କଟିବା ପରେ ଶିକ୍ଷକତାକୁ ଆପଣେଇନେଲି। ହୁଏତ ଭାଗ୍ୟରେ ମୋର ଏହା ହିଁ ଲେଖାଥିଲା। ତେଣୁ ଶିକ୍ଷା କ୍ଷେତ୍ରରେ ଓ ପିଲାଙ୍କ ଭବିଷ୍ୟତ ଗଢିବାରେ ମୁଁ ମୋର ସତ ପ୍ରତିଶତ ଦେବାକୁ ସବୁବେଳେ ଚେଷ୍ଟା କରିଆସିଛି। ଏ କ୍ଷେତ୍ରରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଛାତ୍ରୀଛାତ୍ରଙ୍କ ଯଥେଷ୍ଟ ସହଯୋଗ ରହିଥିବାରୁ ସବୁକାମ ସୁରୁଖୁରୁରେ ହୋଇଯାଉଛି।'

## ଗୀତରେ ଗୀତରେ ପାଠକୁ ମନେ ରଖେଇ ଦିଅନ୍ତି ଦୀପକ ସାର୍

**ଦୀପକ କୁମାର ଦାସ।** ଘର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆନ୍ଦୋଳା ଗାଁରେ। ଚାଷୀ ପରିବାର ପୁଅ। ବାପା ଭଜହରୀ ଦାସ ଓ ମା' ମେରୀ ଦାସ। ସେ ଗାଁ ସ୍କୁଲ୍‌ରୁ ପାଠପଢା ସାରି ଭଦ୍ରକ କଲେଜରେ ପ୍ଲସ୍ ଟୁରେ ନାଁ ଲେଖାଇଥିଲେ। ଘରଠାରୁ କଲେଜ ପ୍ରାୟ ୬୦ କି.ମି ଦୂରରେ ଥିବାରୁ ସେ କଲେଜ ପାଖରେ ମେସ୍ କରି ରହିବାକୁ ଲାଗିଲେ। ପାଠପଢାରେ ସେ ବେଶ୍ ପାରିବାର ଥିଲେ। ବିଭିନ୍ନ ପ୍ରକାରର ସହଜ, ସରଳ ଟ୍ରିକ୍ସ ମାଧ୍ୟମରେ ପାଠକୁ ମନେ ରଖିବାର ତାଙ୍କର ଏକ ଭିନ୍ନ କଳା ରହିଥିଲା। ଯୁକ୍ତ ତିନି ବେଳକୁ ସେ ସାଇକେଲ୍‌ରେ ଘର ଘର ବୁଲି ଟ୍ୟୁଶନ କରୁଥିଲେ। ତାଙ୍କ ପାଠପଢା ଶୈଳୀ ଟିକେ ଭିନ୍ନ ଥିବା ଯୋଗୁ ପିଲାମାନେ ଭଲ ରେଜଲ୍ଟ ବି କଲେ। ଧୀରେ ଧୀରେ ସ୍ଥାନୀୟ ଅଞ୍ଚଳରେ ସେ ଜଣେ ଭଲ ଟ୍ୟୁଶନ ସାର୍‌ର ପରିଚୟ ପାଇଗଲେ। କଲେଜଠାରୁ ମାତ୍ର ଦୁଇ କି.ମି ଦୂର, ସନ୍ଥିଆ ବୋଲି ଏକ ସ୍ଥାନ ରହିଛି। ସେଠାରେ ହିନ୍ଦୁ, ମୁସ୍‌ଲିମ୍ ଉଭୟ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି। ସେଠାକାର କିଛି ଅଭିଭାବକ ତାଙ୍କୁ ଗ୍ରୁପ୍ ଟ୍ୟୁଶନ କରିବା ପାଇଁ ପରାମର୍ଶ ଦେଲେ। କିନ୍ତୁ ସେଥିପାଇଁ ଘର ଭଡ଼ା ନେବାକୁ ହେବ, ତା'ପାଇଁ ପଇସା କେଉଁଠୁ ଆସିବ ବୋଲି ଦୀପକ ସାର୍ କହିବାରୁ ଜଣେ ଭଦ୍ରଲୋକ ତାଙ୍କୁ ତାଙ୍କ ଛାତ ଉପରେ ଟ୍ୟୁଶନ କରିବାକୁ ସୁବିଧା କରାଇଦେଲେ। ୮ମରୁ ୧୦ ଶ୍ରେଣୀର ମାତ୍ର ୭/୮ଟି ପିଲାଙ୍କୁ ନେଇ ପ୍ରଥମେ ସେ ଗ୍ରୁପ୍ ଟ୍ୟୁଶନ୍ ଆରମ୍ଭ କଲେ। କ୍ରମେ ପିଲାଙ୍କ ସଂଖ୍ୟା ବଢିବାରୁ ସେ ଏକ ଘରଭଡ଼ା ନେଲେ, ସେ ପୁଣି ସ୍ୱଳ୍ପ ଦରରେ। ଅଭିଭାବକମାନେ ଯାହାବି ଖୁସିରେ ଦେଉଥିଲେ ସେ ତାକୁ ଗ୍ରହଣ କରୁଥିଲେ। ଦୀପକ ସାର୍‌ଙ୍କ ପାଠପଢାର ଏକ ଟ୍ରିକ୍ ଥିଲା। ସେ ଗୀତରେ ଗୀତରେ ପିଲାମାନଙ୍କୁ ପାଠ ମନେ ରଖେଇ ଦେଉଥିଲେ। ଯେମିତିକି: ଟ୍ରିଗୋନମେଟ୍ରିର ଏକ ଫର୍ମୁଲା ଟ୍ୟାନ୍ ଥିଟା = ସାଇନ୍ ଥିଟା ବାଇ କସ୍ ଥିଟାକୁ ସେ ଗୀତ ମାଧ୍ୟମରେ କହୁଥିଲେ, ଟନ୍ ଟନା ଟନ୍ ଟନ୍ ଟନ୍ ତାର, ସାଇନ୍ କେ ନିଚେ କସ୍ ବିଚାରା। ସେହିପରି ଆଉ ଏକ ଫର୍ମୁଲା ଥିଲା, ସାଇନ୍ ଥିଟା= ପି ବାଇ ଏଚ୍, କସ୍ ଥିଟା= ବି ବାଇ ଏଚ୍ ଏବଂ ଟ୍ୟାନ୍ ଥିଟା= ପି ବାଇ ବି ; ଯାହାକୁ ସେ ଗୀତରେ କରିଥିଲେ, ସାଇନ୍ ପାୱାର୍ ଫୁଲ୍ ହୈ, କସ୍ ବ୍ୟୁଟି ଫୁଲ୍ ହୈ, ଟ୍ୟାନ୍ ଥିଟା କା କ୍ୟା ମେ ବୋଲୁ ୱ ତୋ ପିଙ୍କ୍ ବ୍ଲୁ ହୈ। ସେହିପରି ଓଡ଼ିଶାର ବିଭିନ୍ନ ଜିଲାକୁ ନେଇ ସେ ଏକ ଗୀତ ଯେମିତିକି କୋରାପୁଟ, କଳାହାଣ୍ଡି, କେନ୍ଦୁଝର, କେନ୍ଦ୍ରାପଡ଼ା, କଟକ ସଜନୀଲୋ କେନ୍ଦ୍ରାପଡ଼ା, କଟକ... ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ଖୋର୍ଦ୍ଧା, ଭଦ୍ରକ... ଆଦି ଲେଖିଛନ୍ତି। କେବଳ ସେତିକି ନୁହେଁ ରାଜ୍ୟ ଓ ତା'ର ରାଜଧାନୀକୁ ପିଲାମାନେ କେମିତି ସହଜରେ ମନେ ରଖିପାରିବେ ସେ ନେଇ ବି ସେ ଏକ ସୁନ୍ଦର ଗୀତ ଲେଖିଛନ୍ତି। ଆଉ ଏହି ସବୁ ଗୀତ ପିଲାମାନଙ୍କୁ ପାଠକୁ ମନେ ରଖିବାରେ ବହୁତ ସାହାଯ୍ୟ କରୁଛି। 'ଦୀପକ ସାର୍ ବିଡିକେ' ନାମରେ ଦୀପକ ସାର୍‌ଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ବି ରହିଛି ; ଯାହାର ପ୍ରାୟ ୪୦ ହଜାର ସବ୍‌ସ୍କ୍ରାଇବର୍ ହୋଇଗଲେଣି। ଏହି ଚ୍ୟାନେଲ୍‌ରେ ବି ଦୀପକ ସାର୍ ତାଙ୍କର ସବୁ ପାଠପଢାର ଆକ୍ଟିଭିଟିକୁ ଅପଲୋଡ୍ କରିଥାନ୍ତି। ୟା'ଭିତରେ ଦୀପକ ସାର୍ ଏମ୍‌ବିଏ ସାରି କମ୍ପିଟେଟିଭ୍ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏ ନେଇ ଦୀପକ ସାର୍ କୁହନ୍ତି, 'ମୁଁ ନିଜେ ପଢିଲାବେଳେ ଯେଉଁ ପାଠକୁ ଟିକେ ମନେ ରଖିବାକୁ କଷ୍ଟ ହୁଏ,ତାକୁ କେମିତି ସହଜରେ ମନେ ରଖିହେବ, ସେ ନେଇ ବିଭିନ୍ନ ପ୍ରକାରର ସରଳ ଟ୍ରିକ୍ସମାନ ନିଜେ ନିଜେ କାଢୁଥିଲି ଆଉ ସେହି ଅନୁଯାୟୀ ପାଠ ମନେ ରଖୁଥିଲି। ଏବେ ସେହି ଫର୍ମୁଲାକୁ ବ୍ୟବହାର କରି ମୁଁ ମୋ ପିଲାମାନଙ୍କୁ ପଢାଉଛି ଆଉ ତାହା ଫଳବତୀ ବି ହେଉଛି। ତେଣୁ ମୋ ଶ୍ରମ ସାର୍ଥକ ହୋଇଛି ବୋଲି ମୁଁ ଭାବୁଛି। ଯଦି ବି ଭବିଷ୍ୟତରେ କେଉଁଠି ଚାକିରି ପାଇଯାଏ, ତା'ହେଲେ ଅନ୍‌ଲାଇନ୍ ମାଧ୍ୟମରେ ପିଲାମାନଙ୍କୁ ଏମିତି ପଢେଇ ଚାଲିବି ; ସେ ପୁଣି ମାତ୍ର ୧୦ଟଙ୍କା ଫିସ୍‌ରେ। ଖାନ୍ ସାର୍ ମୋର ପ୍ରେରଣା। ତାଙ୍କ ପରି ନହେଲେ ବି ତାଙ୍କ ଭଳି କିଛି କାର୍ଯ୍ୟ ଓଡ଼ିଶାରେ କରିବାର ମୋର ଲକ୍ଷ୍ୟ ରହିଛି।'

ଶିକ୍ଷାକୁ ସରଳୀକରଣ କରିବାର ଏହି ଗୁରୁମାନଙ୍କର ଭିନ୍ନ ପ୍ରୟାସ ସତରେ ସ୍ୱାଗତଯୋଗ୍ୟ।

**–ଅନ୍ୱିତା ମିଶ୍ର**



ଦୀପକ କୁମାର ଦାସ



# ମୋ ପାଇଁ ସ୍ୱର ହିଁ ଈଶ୍ୱର



ପିଲାଟି ଦିନରୁ ତାଙ୍କର ସଙ୍ଗୀତ ପ୍ରତି ଥିଲା ପ୍ରବଳ ଆଗ୍ରହ। ଫଳରେ ସ୍କୁଲ ବୟସରୁ ସେ ଆକାଶବାଣୀ କଟକ କେନ୍ଦ୍ରରେ ଶିଶୁ କଳାକାର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ଆକାଶବାଣୀ ସମ୍ବଲପୁରରେ ନିଯୁକ୍ତି ପାଇ ସ୍ୱର ସଂଯୋଜକ ରୂପେ କାର୍ଯ୍ୟ କଲେ। କ୍ରମେ ସଙ୍ଗୀତ ସାଧନାରୁ ସଙ୍ଗୀତ ନିର୍ଦ୍ଦେଶନା ଓ ସ୍ୱର ସଂଯୋଜନା ତାଙ୍କର ନିଶାରୁ ପେସା ହୋଇଗଲା । ସ୍ୱର ସଂଯୋଜନା ସହିତ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବାରେ ମଧ୍ୟ ସେ ସିଦ୍ଧହସ୍ତ । ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଯଶସ୍ୱୀ କବିମାନଙ୍କର ଲେଖାକୁ ସ୍ୱର ସଂଯୋଜନା କରି ଅନେକ ସଫଳତା ପାଇଛନ୍ତି। ଫଟୋଗ୍ରାଫି, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟରେ ତାଙ୍କର ଭିନ୍ନ ରୁଚି ରହିଛି। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ । ସେ ହେଲେ **ଓମ୍ ପ୍ରକାଶ ମହାନ୍ତି**। ମାତା ମଞ୍ଜୁଳବାଳା ମହାନ୍ତି ଓ ପିତା କୃପାସିନ୍ଧୁ ମହାନ୍ତି। ଘର ଜଗତସିଂହପୁର ଜିଲାର ପଳାଶୋଳରେ। ସେ କୁହନ୍ତି,'ମୋ ପିଲାଦିନ କଟିଥିଲା କଟକ ସହରରେ। ବାପା ଥିଲେ ଜଣେ ସୁନାମଧନ୍ୟ ବେତାର, ମଞ୍ଚ ଓ ଚଳଚ୍ଚିତ୍ର କଳାକାର। ବଡ଼ ଭଉଣୀ ଚିନ୍ମୟୀ ମହାନ୍ତି ଅଧ୍ୟାପିକା, ଗୀତିକାର, ସୁଲେଖିକା ଓ ବେତାର ନାଟ୍ୟଶିଳ୍ପୀ। ବଡ଼ଭାଇ ବ୍ୟୋମକେଶ ମହାନ୍ତି ଜଣେ ଆନ୍ତର୍ଜାତିକ ସ୍ତରର ଚିତ୍ରଶିଳ୍ପୀ । କହିବାକୁ ଗଲେ ଆମର ଏକ କଳାସଂସ୍କୃତିସମ୍ପନ୍ନ ପରିବାର। ସେତେବେଳେ ଆମ ଘରକୁ ବହୁ କଳାକାର ଆସୁଥିଲେ । ମୋର ସଙ୍ଗୀତ ପ୍ରତି ରୁଚି ଥିବାରୁ ସେମାନେ ମୋତେ ଉତ୍ସାହିତ କରୁଥିଲେ । ରାଣୀହାଟ ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲା ବେଳରୁ ଆକାଶବାଣୀରେ ଶିଶୁ କଳାକାର ଭାବେ ଯୋଗ ଦେଇଥିଲି। ସେବେଠାରୁ ସଙ୍ଗୀତ ପ୍ରତି ଅଧିକ ଆଗ୍ରହୀ ହୋଇଛି। ଗୁରୁ ଶ୍ରୀ ନବୀନ କିଶୋର ପଟ୍ଟନାୟକ, ଶ୍ରୀ କ୍ଷୀତିଶ ଚନ୍ଦ୍ର ମୈତ୍ର ଓ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ଭଳି ମହାନ୍ ଗୁରୁମାନଙ୍କଠାରୁ ଶାସ୍ତ୍ରୀୟ ଓ ଓଡ଼ିଶୀ ସଙ୍ଗୀତ ଶିକ୍ଷାଲାଭ କରିବାର ସୌଭାଗ୍ୟ ଅର୍ଜନ କରିଛି। କଟକ ଆକାଶବାଣୀ କେନ୍ଦ୍ର ଶିଶୁ ସଂସାର, କିଶୋରଚକ୍ର ଓ ଯୁବବାଣୀ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ









ଭାଗନେଇଥିଲି। ମୁଁ ଇତିହାସରେ ସ୍ନାତକୋତ୍ତର କରିବାବେଳେ ବି ସଙ୍ଗୀତ ସାଧନା ଜାରି ରଖିଥିଲି। ଥରେ ଆକାଶବାଣୀ କେନ୍ଦ୍ର ପାଇଁ ପ୍ରୋଗ୍ରାମ ଏକ୍ସିକ୍ୟୁଟିଭ ପୋଷ୍ଟ ବାହାରିଥିଲା । ସେଥିରେ ପରୀକ୍ଷା ଦେଲି। ସବୁ ଠିକ୍ଠାକ୍ ଥିଲା, କିନ୍ତୁ ଓଡ଼ିଶାରୁ ଯାଇଥିବା ଜଣେ ଏକ୍ସପର୍ଟ କୌଣସି କାରଣରୁ ମୋତେ ଶୂନ୍ୟମାର୍କ ଦେଇଥିଲେ, ତାହା ମୋତେ ଆଶ୍ଚର୍ଯ୍ୟ କରିଥିଲା । ହେଲେ ବିଧିର ବିଧାନ ଥିଲା ଅଲଗା । ସେଠାରେ ସିନା ନିଯୁକ୍ତି ମିଳିଲା ନାହିଁ, କିନ୍ତୁ ସେ ସମୟରେ ଏକମାତ୍ର ମ୍ୟୁଜିକ୍ କମ୍ପୋଜର୍ ଅଡ଼ିଶନ ପାସ୍ କରିଥିବାରୁ ୧୯୮୮ ମସିହାରେ ସମ୍ବଲପୁର ଆକାଶବାଣୀରେ ସ୍ୱର ସଂଯୋଜକ ହିସାବରେ ନିଯୁକ୍ତି ମିଳିଲା। ସେଠାରେ ସମ୍ବଲପୁର ଅଞ୍ଚଳର ଲୋକସଙ୍ଗୀତ ବିଷୟରେ ଜ୍ଞାନ ଆହରଣ କଲି । ମୁଁ ବୁଝିପାରିଲି ଯେ, ଯାହାକୁ ଯାହା ମିଳିବାର ଥିବ ତାହା ମିଳିବ । ସବୁ ଈଶ୍ୱରଙ୍କ ଇଚ୍ଛା । ୧୯୯୪ ମସିହାରେ କଟକ ଆକାଶବାଣୀ କେନ୍ଦ୍ରକୁ ବଦଳି ହୋଇ ଆସିବା ପରେ ଅନେକ ନାମୀଦାମୀ କଳାକାର ଯେମିତି କି ଅକ୍ଷୟ ମହାନ୍ତି, ପ୍ରଣବ ପଟ୍ଟନାୟକ, ସିକନ୍ଦର ଆଲାମ୍, ଅତୀଶ କୁମାର ମଜୁମଦାର, ତୃପ୍ତି ଦାସ, ଗୀତା ପଟ୍ଟନାୟକ, ଶ୍ୟାମାମଣୀ ଦେବୀ ଆଦିଙ୍କ ପାଇଁ ସ୍ୱର ସଂଯୋଜନା କରିଥିଲି। ଏମିତିରେ ଜୀବନାନନ୍ଦ ପାଣି, ଶିବବ୍ରତ ଦାସ, ଗୁରୁକୃଷ୍ଣ ଗୋସ୍ୱାମୀ, ବିନୋଦିନୀ ଦେବୀ, ସୀତାକାନ୍ତ ମହାପାତ୍ର, ପ୍ରତିଭା ରାୟ, ଦେବଦାସ ଛୋଟରାୟ, ହରପ୍ରସାଦ ଦାସ ଓ ଗୌର ପଟ୍ଟନାୟକଙ୍କ ଭଳି ବହୁ ପ୍ରତିଭାବାନ ଲେଖକମାନଙ୍କ ଗୀତକୁ ସ୍ୱର ସଂଯୋଜନା କରିବାରେ ସୁଯୋଗ ପାଇଛି । ମୋ ପାଇଁ ପ୍ରକୃତି ଓ ଈଶ୍ୱରଙ୍କ କୃପା ସଙ୍ଗୀତକୁ ବହୁଭାବେ ପ୍ରେରଣା ଦେଇଆସିଛି । ସ୍ୱର ଓ ଈଶ୍ୱରଙ୍କ ମଧ୍ୟରେ କିଛି ଫରକ ନାହିଁ । କାରଣ ସ୍ୱର ହିଁ ନାଦବ୍ରହ୍ମ । ଈଶ୍ୱର ହିଁ ଏ ସବୁର ସ୍ରଷ୍ଟା । ତାଙ୍କ ଆଶୀର୍ବାଦ ବିନା କିଛି ବି ହୁଏନାହିଁ । ମୋ ସଙ୍ଗୀତର ସମ୍ପତ୍ତି ହେଲେ ଶ୍ରୋତା । କବି ମାୟାଧର ମାନସିଂହ, ପଣ୍ଡିତ ଗୋଦାବରୀଶ ମିଶ୍ର, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ସନ୍ଥକବି ଭୀମ ଭୋଇଙ୍କ ରଚିତ କାଳଜୟୀ ଲେଖାକୁ ସ୍ୱରରେ ସଜେଇ ମାନସିକ ଶାନ୍ତି ପାଇଛି । 'ଭାଗ୍ୟଚକ୍ର' ଚଳଚ୍ଚିତ୍ର ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ହିସାବରେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛି । 'ମୁଁ କ'ଣ ଏତେ ଖରାପ', 'ଯୋଗିନୀ', 'ଇନ୍ଦ୍ରଧନୁ' ଆଦି ଏକାଧିକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛି । ଏପରି କି ଇଂରାଜୀ ଚଳଚ୍ଚିତ୍ର 'ଦ ଡାର୍କ ଫ୍ୟୁଚର'ରେ ନିର୍ଦ୍ଦେଶନା ଦେଇ ଆନ୍ତର୍ଜାତିକ ସ୍ତରରେ ପୁରସ୍କାର ଲାଭ କରିଛି । ଓଡ଼ିଆ ସଂସ୍କୃତି ଓ ଐତିହ୍ୟକୁ ନେଇ ମଧ୍ୟ ଅନେକ ଚଳଚ୍ଚିତ୍ର ରଚନା କରିଛି । ଓଡ଼ିଶାର ଲୋକକଳାକୁ ନେଇ ଅନେକ ପରୀକ୍ଷଣ କରିଛି । ଏତଦ୍‌ବ୍ୟତୀତ ଓଡ଼ିଆ ବୌଦ୍ଧ ପରମ୍ପରା ଓ ଯୋଗିନୀ ଧାରାକୁ ନେଇ ମଧ୍ୟ ସଙ୍ଗୀତ ପ୍ରସ୍ତୁତି କରିଛି । ଆକାଶବାଣୀରେ ଅନେକ କାର୍ଯ୍ୟକ୍ରମ କରି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ପୁରସ୍କୃତ ହୋଇଛି। ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କଠାରୁ ପୁରସ୍କାର ଗ୍ରହଣ କରିବା ମୋ ପାଇଁ ଥିଲା ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବ ୨୦୨୩, ତରଙ୍ଗ ମ୍ୟୁଜିକ୍‌ର ମେଗା ସିରିଏଲ 'ନେଇ ଯାରେ ମେଘ ମୋତେ' ପାଇଁ ଶ୍ରେଷ୍ଠ ମ୍ୟୁଜିକ୍ ଡାଇରେକ୍ଟରର ସମ୍ମାନ ମିଳିଛି । ଆଗକୁ ମଧ୍ୟ ଅନେକ ଗୀତ ମୋର ଶ୍ରୋତାମାନଙ୍କୁ ଭେଟି ଦେବାର ଲକ୍ଷ୍ୟ ରଖିଛି । ମୁଁ ମୋର ସଙ୍ଗୀତ, ଫଟୋଗ୍ରାଫି ଓ ପ୍ରକୃତି ପ୍ରେମ ପାଇଁ ବଡ଼ଠାକୁର ଜଗନ୍ନାଥଙ୍କୁ ସବୁ ଶ୍ରେୟ ଦେଉଛି ।

**-ବନବିହାରୀ ବେହେରା**





# ଶବ

– ଶ୍ରୁତକୀର୍ତ୍ତି ତ୍ରିପାଠୀ

ସେଦିନ ରାତିରେ ଲଗାଣ ଝଡ଼ିବର୍ଷାରେ ଯେତେବେଳେ ସାରା ସହର ଶୋଇଥିଲା ନିଶ୍ଚିନ୍ତ ହୋଇ, ସେ ଲଢୁଥିଲା ନିଜର ଜୀବନ ଆଉ ଇଜ୍ଜତ ବଞ୍ଚେଇବା ପାଇଁ ଅହରହ । ତା'ର ଚିତ୍କାର, କାନ୍ଦ, କୋହ ଶୁଣିବା ପାଇଁ କେହି ନ ଥିଲେ । ତାକୁ ସାହାଯ୍ୟର ହାତଟିଏ ବଢେଇବାର ମାନବିକତା କାହାକୁ ସ୍ପର୍ଶ କରିପାରି ନ ଥିଲା । ସଇତାନ ଜିତିଯାଇଥିଲା ତା'ର ଆପ୍ରାଣ ଚେଷ୍ଟା ଓ ପ୍ରତିବାଦ ଆଗରେ । ଝିଅଟି ନିଜର ଅଭିମାନ, ସ୍ୱାଭିମାନ ସବୁ ହରେଇ ଏମିତି ବି ଶବ ପାଲଟି ସାରିଥିଲା । ଖାଲି ବାକି ରହିଯାଇଥିଲା ଯାହା ପିଣ୍ଡରେ ପ୍ରାଣ ଟିକକ । ସେତକ ବି ସେ ନିର୍ଦ୍ଦୟୀ ଜାନୁଆର ନେବାରେ କାର୍ପଣ୍ୟ କରି ନ ଥିଲା । ସାରାରାତି ତା'ର ମୃତଦେହ ଅନ୍ଧାର ଗଳିରେ ପଡ଼ିଥିଲା । ଅନାଥ ଝିଅଟିର ଏକୁଟିଆ ପଣର ସୁଯୋଗ ନେଇ ସହରର କୁଖ୍ୟାତ ଗୁଣ୍ଡା ଭିକୁ ତା'ର ଇଜ୍ଜତ ତ ନେଲା, ସବୁ ପ୍ରମାଣ ଲିଭେଇ ଦେବାକୁ ଯାଇ ତା'ର ଜୀବନ ନେବାକୁ ବି ହେଳା କରି ନ ଥିଲା ।

ପରଦିନ ସକାଳୁ ପୋଲିସ ଆସି ଶବକୁ ନିଜ ହେପାଜତକୁ ନେଇ ସେହି ଘଟଣାର ସାକ୍ଷୀ କିଏ ଅଛନ୍ତି ବୋଲି ପ୍ରଶ୍ନ କଲା ! ଶବକୁ ଘେରି ରହିଥିଲେ ବହୁ ବିଚାରବନ୍ତ ଲୋକ, ହେଲେ ଜାଣିଶୁଣି ଅଯଥା ଝମେଲାରେ କିଏ ପଡ଼ିବ ବୋଲି ସବୁ ନୀରବଦ୍ରଷ୍ଟା ସାଜିଥିଲେ । ସମସ୍ତେ ଭଲ ଭାବରେ ଅବଗତ ଥିଲେ ଘଟଣା ବିଷୟରେ କିନ୍ତୁ ପାଟି ଖୋଲି ଭିକୁ ସହିତ ଶତ୍ରୁତା ଭଲା କିଏ ଆପଣେଇ ନିଅନ୍ତା ! ଝିଅଟିର ଶବ କିନ୍ତୁ ଚିତ୍କାର କରି ସତ୍ୟତା ଜାହିର କରୁଥିଲା । ଜଣେ କେତେ ନୃଶଂସ ହେଲେ ଏଭଳି କାଣ୍ଡ ଘଟେଇ ପାରେ ! ଧୀରେ ଧୀରେ ଶବକୁ ଘେରି ଛିଡା ହୋଇଥିବା ଲୋକଙ୍କର ଭିଡ଼ ପତଳା ହେବାକୁ ଲାଗିଲା । ଝିଅଟି ପାଇଁ ' ଆହା 'ଶବ୍ଦଟିଏ ହିଁ ଥିଲା ସଭିଙ୍କ ତରଫରୁ ଶେଷ ଶ୍ରଦ୍ଧାଞ୍ଜଳି । କାଲି ପୁଣି ଏଇ ଗଳି ଥିବ, ଏଇ ଲୋକମାନେ ଥିବେ, ଏହି ସହର ଥିବ, ଭିକୁର ଦାଦାଗିରି ଥିବ ସ୍ୱାଭାବିକ ଭାବରେ ; ଖାଲି ନ ଥିବ ଯାହା ସେଇ ନିଷ୍ପାପ, ନିର୍ଦ୍ଦୋଷ ଝିଅର ହସ ହସ ମୁହଁ ଏବଂ ମିଠା ମିଠା କଥା ! ରହିବା ବି ଉଚିତ ନୁହେଁ ! ସେ ଏମିତି ଏକ ଦୁନିଆରେ ବଞ୍ଚି ରହିବାକୁ ଯୋଗ୍ୟ ନୁହେଁ, ଯେଉଁଠି ମଣିଷମାନେ ଧୀରେ ଧୀରେ ଶବ ପାଲଟି ଯାଉଛନ୍ତି । ମଣିଷ ପଣିଆ ଭୁଲି ପାଟି ଚୁପ କରି ଶବ ପାଲଟି ଯାଉଥିବା ମଣିଷମାନଙ୍କୁ ଝିଅଟି ନ୍ୟାୟ ମାଗୁଥିଲା । ହେଲେ ଯେଉଁଠି ବିବେକ, ସମ୍ବେଦନଶୀଳତା ମୂକ ପାଲଟି ସାରିଛି ସେଇଠି ଜିଅନ୍ତା ମଣିଷମାନେ ଗୋଟିଏ ଗୋଟିଏ ଶବଠାରୁ କ'ଣ କମ୍ ଥିଲେ ?

–ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

# ପ୍ରିୟା ପାଇଁ ତିନି ପଦ

–ଡ. ଭରତ ଚନ୍ଦ୍ର ଦାଶ

ମୋ ହୃଦୟେଶ୍ୱରୀ ସ୍ୱର୍ଗ ଅପସରୀ
ଜୀବନେ ପ୍ରଣୟ ଧନ
ତନୁ–ମନ–ପ୍ରାଣ ଅରପି ଦେଇଛି
ନିର୍ବାଣ ଲଭିଛି ପ୍ରାଣ ।

**ଦୁଇ**


ମୁଁ ଏମିତି ସଖି ବିଜନେ ନିରବି
ଯାଉଛି ଏ ପଥ ପରେ
ପ୍ରଣୟୀର କଥା ପ୍ରୀତି ପ୍ରାଣ ବ୍ୟଥା
ମରମୁ ବେଦନା ଝରେ ।


**ତିନି**

ଯଦି କେବେ ତୁମ ହୃଦୟକୁ ଛୁଇଁ
ପ୍ରଣୟ ଆସିବ ଝରି
ଆପଣେଇ ନେବ ପ୍ରଣୟୀକୁ ତୁମ
ସରାଗେ ହାତକୁ ଧରି ।

--XXX--

–ମାର୍କୋଣା, ବାଲେଶ୍ୱର
ମୋ: ୮୯୮୪୪୩୯୧୬୬





# ପ୍ରିୟତମା

–ରଜତ ମହାନ୍ତି

ପ୍ରିୟତମା ତୁମ
ମନ ସବୁବେଳେ
ମୋତେ ଲାଗେ
ଚଲାବାଦଲ ଟିଏ,

କେବେ ବର୍ଷିବାର
ଆଶାଦେଇ ଭାଙ୍ଗେ
କେବେ ଅକସ୍ମାତ
ବରଷିଯାଏ

–ବଳଗଣ୍ଡି, ପୁରୀ
ମୋ:୮୯୦୮୦୬୬୫୬୨



# ବର୍ଷା

–ଇଂ ଶଶାଙ୍କ ଶେଖର ପଣ୍ଡା

ଝିପି ଝିପି ବରଷାରେ...
ଏକା ଏକା ଚାଲୁଥାଏ..
ପଛକୁ ମୁଁ ଚାହିଁ ଦେଖେ..
ଛାଇ ମୋ ସାଥେ ସାଥେ...
ଚାଲୁଛି, ଅବିରତ, ଚୁପଚାପ !!

ଭାବିଲି ...
କେତେ ଦୂର ଯିବ ଏ ଛାଇ...
ବର୍ଷା ଥମିବ, ରାସ୍ତା ଶୁଖିବ...
ପୁନଃ ଅଲଗା ହେବ ମୋ ଠୁ
ପୁଣି ଆଗ ପରି
ସାଥି ଶୂନ୍ୟ ହୋଇଯିବି !!

ବର୍ଷା ଥମିଛି
ଭୟ ଲାଗୁଚି,
ବର୍ଷା ତାକୁ ନେଇଗଲା ବୋଧେ
ମୁଁ କିନ୍ତୁ ଖୋଜି ଚାଲିଛି ମୋ ସାଥୀକୁ... !!

– ପଟିଆ, ଭୁବନେଶ୍ୱର
ମୋ: ୭୯୭୮୦୯୯୦୭୫

# ବଦଳି ଗଲେଣି ରଣବୀର


'ରାମାୟଣ' ଫିଲ୍ମରେ ରଣବୀର, ସାଇ ପଲ୍ଲବୀ, ଯଶ

ରଣବୀର କପୁରଙ୍କୁ ନେଇ ଏବେ ଜୋର୍‌ରେ ଚର୍ଚ୍ଚା ଚାଲିଛି। କାହିଁକି ଜାଣନ୍ତି ? ନିର୍ମାଣାଧୀନ ପୌରାଣିକ ହିନ୍ଦୀ ସିନେମା 'ରାମାୟଣ'ରେ ସେ ମୁଖ୍ୟ ରାମ ଚରିତ୍ରରେ ଅଭିନୟ କରୁଛନ୍ତି। ଏହା ତ ନିଶ୍ଚୟ ଏକ ସୌଭାଗ୍ୟର କଥା। କାରଣ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ଚରିତ୍ରକୁ ନେଇ ଆଣି ଥୋଇବା ଏତେଟା ସହଜ କଥା ନୁହେଁ। ତେଣୁ ଏଭଳି ଏକ ଓଜନଦାର ଭୂମିକାରେ ଅଭିନୟ କରିବା ପୂର୍ବରୁ ରଣବୀର ନିଜକୁ ପ୍ରସ୍ତୁତ କରିବାକୁ ଭୁଲି ନ ଥିଲେ। ଆଉ ଶୁଟିଂ ଆରମ୍ଭ ହେବା ପରେ ସେ କେତେ ପରିମାଣରେ ବଦଳି ଯାଇଥିବା ଦେଖିବାକୁ ମିଳୁଛି। ଏବେ କିଛି ଆଲୋଚନା ହେବା ମାତ୍ରେ ପୁରାଣ ଉପରେ ହିଁ ସେ କଥା ଆରମ୍ଭ କରୁଛନ୍ତି। ସେପଟେ ସମୟ ମିଳିଲେ ପୌରାଣିକବହିକ ବହି ପଢୁଛନ୍ତି। ଏହି ଷ୍ଟାର-ଷ୍ଟଡେଡ୍ ଫିଲ୍ମର ବଜେଟ୍ ରହିଛି ପ୍ରାୟ ୪୦୦୦କୋଟି। ଏଥିରେ ସାଇ ପଲ୍ଲବୀ (ସୀତା), ଯଶ (ରାବଣ), ସନି ଦେଓଲ (ହନୁମାନ) ଏବଂ ରବି ଦୁବେ (ଲକ୍ଷ୍ମଣ)ଙ୍କୁ ଦେଖିବାକୁ ମିଳିବ। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ନିତେଶ ତିୱାରୀ। ସବୁଠାରୁ ଖାସ୍ କଥା ହେଲା ଏହାକୁ ଦୁଇଟି ଭାଗରେ ନିର୍ମାଣ କରାଯାଉଛି। ପ୍ରଥମ ଭାଗ ଏବର୍ଷ ଦୀପାବଳିରେ ଏବଂ ଶେଷ ଭାଗ ଆସନ୍ତା ବର୍ଷ ଦୀପାବଳିରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ହସାଇବେ ତାପସୀ


ତାପସୀ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ତାପସୀ ପାନ୍ନୁ ଇତିମଧ୍ୟରେ ଭିନ୍ନ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସି ସାରିଛନ୍ତି। ହେଲେ ଏଥର ସେ ଏକ ସମ୍ପୂର୍ଣ୍ଣ କମେଡି ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଏପରିକି ଏହାର କାହାଣୀ ଶୁଣିବା ସମୟରେ ସେ ହସି ହସି ବେଦମ ହୋଇଯାଇଥିଲେ। ହଁ, ଏହାର ଟାଇଟଲ ରହିଛି 'ଜମାନା କ୍ୟା କହେଗା'। ଏହି ଫିଲ୍ମ ବିଷୟରେ ସେ କହନ୍ତି, ''ଯେତେବେଳେ ମୋତେ ଏହି ଅଫରଟି ମିଳିଲା ସେତେବେଳେ ଏ ବିଷୟରେ ଭାବିବାକୁ ମୁଁ ସପ୍ତାହେ ସମୟ ନେଇଥିଲି। ମନକୁ ସ୍ଥିର କରିବା ପରେ କାହାଣୀ ଶୁଣିଲି। ଆଉ ସେତେବେଳେ ମୁଁ ହସି ହସି ଗଡି ଯାଇଥିଲି। ଏହି ଫିଲ୍ମରେ ଫୁଲ୍ କମେଡି ତଡକା ରହିଛି। କାହାଣୀଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କେବଳ କମେଡି ହିଁ କମେଡି। ମୋର ଏଇ ଏକ ଭୂମିକାକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ବୋଲି ଆଶା ରଖିଛି।'' ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ମୁଦସର ଅଜିଜ। ନିର୍ଦ୍ଦେଶନା ଭାର ସମ୍ଭାଳିବେ ଅମିତ ରୟ। ଏଥିରେ ତାପସୀଙ୍କ ବ୍ୟତୀତ ଫରଦିନ ଖାଁ ଏବଂ ଆମ୍ମି ଭିର୍କ ମଧ୍ୟ ଅଭିନୟ କରିବେ। ଏହାର ପ୍ରାରମ୍ଭିକ କାମ ଶେଷ ହୋଇଛି ଏବଂ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ଏହାର ଶୁଟିଂ ଆରମ୍ଭ ହେବ। ନିର୍ଦ୍ଦିଷ୍ଟ ସମୟ ଭିତରେ ସବୁ କାମ ଶେଷ ହୋଇ ଆସନ୍ତା ବର୍ଷ ଚିତ୍ରଟି ପରଦା ଉପରକୁ ଆସିବ ବୋଲି ମୁଦାସର ସୂଚନା ଦେଇଛନ୍ତି। ତେବେ ଏଥିରେ ତାପସୀ ଦର୍ଶକଙ୍କୁ କେତେ ହସାଇ ହସାଇ ବେଦମ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ହିରୋପନ୍ତୀ ଅଫର ମିଳି ନ ଥିଲେ...


କ୍ରିତି

କ୍ରିତି ସାନନ୍‌ଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୪ରୁ। ତାମିଲ ଫିଲ୍ମ 'ନାନୋକେଡିନି'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ପୁଣି ଏପରି ସୌଭାଗ୍ୟ ଯେ, ସେହି ବର୍ଷ ହିଁ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଅନ୍ୟତମ ଆଗଧାଡିର ପ୍ରଯୋଜକ ସାଜିଦ ନାଦିଆଦୱାଲା ତାଙ୍କୁ 'ହିରୋପନ୍ତୀ' ଚଳଚ୍ଚିତ୍ରରେ ନାୟିକା ଭୂମିକା ପାଇଁ ଚୟନ କରିଥିଲେ। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଥିଲେ ଟାଇଗର ଶ୍ରଫ। କେବଳ ସେତିକି ନୁହେଁ, ଚିତ୍ରଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ରାତାରାତି ସେ ନିଜକୁ ନାୟିକା ଦୌଡରେ ସାମିଲ କରିବାରେ ସକ୍ଷମ ହୋଇଥିଲେ। ଏ ବିଷୟରେ କ୍ରିତି କହନ୍ତି, ''ଯଦି ମୋତେ 'ହିରୋପନ୍ତୀ' ଅଫର ମିଳି ନ ଥାନ୍ତା, ହୁଏତ ହିନ୍ଦୀ ସିନେମାରେ ଅଭିନୟ କରିବା ଆଶା ମୋର ବିଳମ୍ବ ହୋଇଥାଆନ୍ତା। ପ୍ରଥମ ସୁଯୋଗଟି ପାଇବା ଏବଂ ସେଥିପାଇଁ ଶ୍ରେଷ୍ଠ ନବାଗତା ପୁରସ୍କାର ପାଇବା ଛୋଟିଆ କଥା ନୁହେଁ। ଏ ନେଇ ମୁଁ ସାଜିଦ ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।'' କ୍ରିତି ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଉଛି-'ଦିଲୱାଲେ', 'ରବ୍‌ତା', 'ଲୁକ୍କା ଛୁପି', 'ହାଉସଫୁଲ ୪', 'ବେଡ଼ିୟାଁ', 'କ୍ରିୟୁ' ଏବଂ 'ଦୋ ପତି'। ବର୍ତ୍ତମାନ ନିର୍ମାଣାଧୀନ ଦୁଇଟି ସିନେମା 'ତେରେ ଇସ୍କ ମେଁ' ଏବଂ 'କକ୍‌ଟେଲ ୨'ରେ ସେ ଅଭିନୟ କରୁଛନ୍ତି।

# ସାଥୀ ସାତ ଜନ୍ମର


ମାନସ-ତେଜସ୍ୱିନୀ

ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ବର୍ତ୍ତମାନ ମେଗା ଧାରାବାହିକ 'ସାଥୀ ସାତ ଜନ୍ମର' ପ୍ରସାରିତ (ସନ୍ଧ୍ୟା ୭ଟା, ସୋମବାରରୁ ଶନିବାର) ହେଉଛି। ଏହି ଧାରାବାହିକ ଅଧିକରୁ ଅଧିକ ଦର୍ଶକଙ୍କ ଭଲ ପାଇବା ସାଉଁଟି ଚାଲିଛି। ଏହାର କାହାଣୀ ଏବେ ଭିନ୍ନ ମୋଡ ନେଇଛି। ଅର୍ଚ୍ଚନା ଓ ଦେବ ବିବାହ ବନ୍ଧନରେ ବାନ୍ଧି ହେବା ପରେ ପରିବାର ସମ୍ବନ୍ଧୀୟ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଛନ୍ତି। ଗୋଟେ ପଟେ ଅର୍ଚ୍ଚନା ନିଜ ବାପାଙ୍କୁ ଦେଇଥିବା ପ୍ରତିଶୃତି ଯେ ସାରା ଜୀବନ ତା' ସ୍ୱାମୀ ଦେବ୍‌ଙ୍କ ସାଙ୍ଗରେ ଆଉ କେବେ ବି ଦେଖା କରିବ ନାହିଁ। ଅନ୍ୟ ପଟେ ଦେବ୍‌ର ଆରମ୍ଭ ହୋଇଥିବା ନୂଆ ଗ୍ୟାରେଜର କଳସ ବିସର୍ଜନରେ କେମିତି ଅର୍ଚ୍ଚନା ଛିଡା ହେବ ଦେବ୍ ସହିତ ? ଏମିତି ଏକ ଦୋଛକିରେ ଅର୍ଚ୍ଚନା ଆଉ ଦେବ୍‌ଙ୍କର ସମ୍ପର୍କ। ''ଏହିଠାରୁ ଆଗକୁ କ'ଣ ଘଟିବ ଜାଣିବା ପାଇଁ ଦେଖୁଥାନ୍ତୁ 'ସାଥୀ ସାତ ଜନ୍ମର' ବୋଲି ଅନୁରୋଧ କରିଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ ।'' ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ମାନସ ଏବଂ ତେଜସ୍ୱିନୀ।

# ମୁକେଶଙ୍କ ପାଇଁ..


ସାନ୍ୟା

ସାନ୍ୟା ମାଲହୋତ୍ରା ଅଭିନୟ ଦୁନିଆରେ ପାଦ ଥାପିବା ପୂର୍ବରୁ ଡ୍ୟାନ୍ସରେ ନିଜର ଦକ୍ଷତା ଦେଖାଇ ସାରିଥିଲେ। ପରେ ହଠାତ୍ ଅପ୍ରତ୍ୟାଶିତ ଭାବରେ ତାଙ୍କୁ ବଡ ପରଦା ଅଫର ମିଳିଥିଲା। ଏ ବିଷୟରେ ସାନ୍ୟା କହନ୍ତି, ''ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ୨୦୧୩ରେ ମୁଁ ରିୟାଲିଟି ଶୋ' ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ'ର ସମ୍ଭାବ୍ୟ ୧୦୦ ଜଣଙ୍କ ଭିତରେ ସ୍ଥାନ ପାଇଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଅନ୍ତିମ ତାଲିକାରୁ ବାଦ୍ ପଡିଥିଲି। ଏମିତି ଦୁଃଖରେ ଥିବାବେଳେ ଥରେ ବଲିଉଡ୍‌ର ଅନ୍ୟତମ ଆଗଧାଡିର କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରାଙ୍କ ସହ ମୋର ଭେଟ ହେଲା। ସେ ମୋତେ ଅଭିନୟ କରିବାକୁ ପରାମର୍ଶ ଦେଲେ। ତା'ପରେ ଆମୀର ଖାଁଙ୍କ 'ଦଙ୍ଗଲ' ପାଇଁ ଅଡିସନ ଦେଇ ସିଲେକ୍ଟ ହେଲି ଓ ସେଥିରେ ଅଭିନୟ କଲି। ଫିଲ୍ମଟି ହିଟ୍ ହେଲା। ତେଣୁ ଏସବୁର ଶ୍ରେୟ ମୁଁ ନିଶ୍ଚୟ ମୁକେଶ ସାର୍‌ଙ୍କୁ ଦେବି।'' ବର୍ତ୍ତମାନ ସେ ଅଭିନିତ ଓ କରନ୍ ଜୋହରଙ୍କ ପ୍ରଯୋଜିତ 'ସନି ସଂସ୍କାରି କି ତୁଲସୀ କୁମାରୀ' ଚଳିତ ବର୍ଷ ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି।

# ଖୁସି ଅଛନ୍ତି ନୁସ୍‌ରତ


ନୁସ୍‌ରତ

ନୁସ୍‌ରତ ଭରୁଚା ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ଖୁସି ଅଛନ୍ତି। ୨୦୦୬ରେ 'ଜୟ ସନ୍ତୋଷୀ ମା' ଫିଲ୍ମରେ ପ୍ରଥମ ଥର ପାଇଁ ଅଭିନୟ କରିଥିଲେ। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଅଭିନୟ କ୍ଷେତ୍ରରେ ପରିଚୟ ସୃଷ୍ଟି କରିବାକୁ ତାଙ୍କୁ ଆହୁରି ଚାରି ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୧୦ରେ ଏକତା କପୁରଙ୍କ 'ଲଭ୍ ସେକ୍ସ ଔର ଧୋକା' ହିଟ୍ ହେଲା। ଆଉ ତା'ପରେ ନୁସ୍‌ରତ ଗୋଟିଏ ପରେ ଗୋଟିଏ ସିନେମାରେ ଅଭିନୟ କରିଚାଲିଲେ। ନିଜର ୧୯ ବର୍ଷର ଆକ୍ଟିଂ କ୍ୟାରିୟରରେ ସେ ମାତ୍ର ୨୫ଟି ସିନେମାରେ ଅଭିନୟ କରିଛନ୍ତି। ଏ ନେଇ ନୁସ୍‌ରତ କହନ୍ତି, ''ଏପର୍ଯ୍ୟନ୍ତ ମୋତେ ବଲିଉଡ୍‌ରୁ ଯାହା ମିଳିଛି ସେଥିରେ ମୁଁ ଖୁସି ଅଛି। 'ଲଭ୍ ସେକ୍ସ ଔର ଧୋକା' ହିଟ୍ ହେବା ପରେ ଅଭିନୟ ପ୍ରତି ମୋର ଆତ୍ମବିଶ୍ୱାସ ଆହୁରି ବଢ଼ିଯାଇଥିଲା। ଦର୍ଶକ ଯଦି ମୋତେ ପ୍ରତ୍ୟାଖାନ କରିଥାଆନ୍ତେ ତେବେ କେବେଠାରୁ ମୋର ବଲିଉଡ୍ କ୍ୟାରିୟର ଶେଷ ହୋଇ ସାରନ୍ତାଣି। ଏବେ ମୁଁ ଦେଖି ଚାହିଁ ଫିଲ୍ମ ସାଇନ୍ କରୁଛି।''

# ଅଜଣା ସାଥୀକୁ ପାହାନ୍ତି ରାତି, ମନରେ ଭରିଛି ପୀରତି ତାତି

**ପ୍ରଶ୍ନ—**ମୋ ମନ ରାଇଜରେ ଏବେ ଜଣେ ସୁନ୍ଦରୀ ଘର କରି ସାରିଛି। ହେଲେ ସେ କେବଳ ପାହାନ୍ତି ରାତି ସ୍ୱପ୍ନରେ ଆସୁଛି। ତାକୁ ଛାଡି ମୁଁ ବଞ୍ଚି ପାରିବି ନାହିଁ। କ'ଣ କରିବି ?

*—ପ୍ରଶାନ୍ତ କୁମାର ଦାସ, ବ୍ରହ୍ମପୁର*

**ଉତ୍ତର:** ଆପଣଙ୍କୁ ପ୍ରେମର ନିଶାଟା ପୂରାଦମ୍‌ରେ ଘାରିଛି। ପାହାନ୍ତି ରାତିରେ ଏହି ଟେମ୍ପରେଚର ଆହୁରି ବଢ଼ି ଯାଉଛି। ହେଲେ ଯାହା ପ୍ରେମରେ ପଡିଛନ୍ତି ତା' ବିଷୟରେ କିଛି ଜାଣିନାହାନ୍ତି। 'ଅଜଣା ସାଥୀକୁ ପାହାନ୍ତି ରାତି, ମନରେ ଭରିଛି ପୀରତି ତାତି'। ଏଭଳି ପ୍ରେମରେ ଆଶା ଅନେକ ଥାଏ ହେଲେ ସେଥିରୁ କିଛି ଫଳ ମିଳିବ ଏଭଳି ଭାବିବା ମୁର୍ଖାମୀ ବ୍ୟତୀତ ଆଉ କିଛି ନୁହେଁ। ତେଣୁ ସେଭଳି ପ୍ରେମ ଉପରେ ଭରଷା ରଖିବା ଅପେକ୍ଷା ତାହାକୁ ଯେତେ ଶୀଘ୍ର ଭୁଲିଯିବେ ସେତେ ଭଲ।

**ପ୍ରଶ୍ନ—**କେବଳ ଇସାରା ଦେଇଦେଲେ କ'ଣ ପ୍ରେମ ହୋଇଯାଏ। ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି।

*—ଅମନ କୁମାର, କେନ୍ଦ୍ରାପଡା*

**ଉତ୍ତର:** ଯେଉଁ ଇସାରା ସେପଟୁ ପାଉଛନ୍ତି ଯଦି ସେଥିରେ ପ୍ରେମର ଲକ୍ଷଣ ଥାଏ ଭଲ କଥା। ତେଣୁ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ କି ନା। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ସମ୍ଭବ ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ—**ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*—ପୂର୍ଣ୍ଣଚନ୍ଦ୍ର ରାଉତ, ରାଉରକେଲା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁନାହାନ୍ତି—ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ତାହାର କିଛି ଗ୍ୟାରେଣ୍ଟି ନାହିଁ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗନାଲ ମିଳିଲା ତେବେ ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହୁଏତ ହାତରୁ ଖସିଯାଇପାରେ !

**ପ୍ରଶ୍ନ—**ମୁଁ କେତେଗୁଡିଏ ପ୍ରେମ କବିତା ଲେଖିଛି। ହେଲେ ତାହାକୁ ଦେଖି ମୋ ପ୍ରେମିକା ମୁହଁ ମୋଡି ଦେଉଛି। କ'ଣ କରିବି ?

*—ତପନ ନନ୍ଦ, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି—ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଯେଉଁ ପ୍ରେମ କବିତା ଦି' ଧାଡି ଲେଖିଛନ୍ତି ତାହାର ନାୟିକା ଆପଣଙ୍କ ପ୍ରେମିକା ତ ! ଯଦି ହଁ, ଭଲ କଥା। ନ ହେଲେ ଆଉ କୌଣସି ରୂପସୀର ମାୟାରେ ପଡି ଯଦି ଏଭଳି କବିତା ଲେଖିଥାଆନ୍ତି ତେବେ ଆପଣଙ୍କ ପ୍ରେମିକା ମୁହଁ ମୋଡିବା ସ୍ୱାଭାବିକ। ବାସ୍ ତାଙ୍କୁ ନଜର ରଖି ଏମିତି ଲେଖନ୍ତୁ ଯେମିତି ସେ ଆପଣଙ୍କ ପ୍ରେମ କବିତା ଲେଖିବା ପଣିଆକୁ ସବୁବେଳେ ପ୍ରଶଂସା କରୁଥିବ।

**ପ୍ରଶ୍ନ—**ମୋ ପ୍ରେମିକା ମୋତେ ଦୁଇ ବର୍ଷ ହେବ ଧୋକା ଦେଇ ଚାଲିଯାଇଛି। ଏବେ ତାକୁ ଦେଖିଲେ ମୋତେ ଲାଗୁଛି ସେ ମୋତେ ପୁଣି ଥରେ ଭଲ ପାଇବାକୁ ଚେଷ୍ଟା କରୁଛି। ତା' ସହ ପୁଣି ଥରେ ପ୍ରେମ ଆରମ୍ଭ କରିବା ଠିକ୍ ହେବ କି ?

*—ସୁମନ, ଅନୁଗୋଳ*

**ଉତ୍ତର:** ଯିଏ ଧୋକା ଦେଇ ଚାଲିଗଲା ତାକୁ ପୁଣି ଥରେ ଆଣି ମନ ଭିତରେ ସ୍ଥାନ ଦେବା ହୁଏତ ବୋକାମି ଠାରୁ ଆଉ କିଛି ହୋଇ ନ ପାରେ। କ'ଣ ପାଇଁ ସେ ଅଧା ବାଟରେ ଆପଣଙ୍କ ହାତ ଛାଡି ଚାଲିଗଲା ତାହା ତ ଲେଖିନାହାନ୍ତି, ଯେଉଁଥିପାଇଁ ଆପଣଙ୍କ ପ୍ରେମରେ ପରମାନେଣ୍ଟଲି ଷଣ୍ଢ ପଶି ଯାଇଛି। ଏବେ ଯଦି ସେ ପୁଣି ଥରେ ଆପଣଙ୍କୁ ତା' ପ୍ରେମ ଜାଲରେ ବାନ୍ଧିବାକୁ ଚାହୁଁଛି, ତେବେ ବେଳଥାଉ ସାବଧାନ ରୁହନ୍ତୁ। ନ ହେଲେ ପୁଣି ଥରେ ଧୋକା ଖାଇବାର ଯଥେଷ୍ଟ ଆଶଙ୍କା ରହିଛି।



ସାଥୀ

## ପ୍ରଥମ ରୋଜଗାର

# ଦୁଇଶହ ଟଙ୍କା ଥିଲା ମୋ ପ୍ରଥମ ରୋଜଗାର



ସାହିତ୍ୟିକ **ରାଜୀବ ଗୋପାଳ ସ୍ୱାଇଁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଢେ**ଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁସୁପଙ୍ଗା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁରୁଣ୍ଟି ଗ୍ରାମରେ ମୋର ଜନ୍ମ। ପିତା ସ୍ୱର୍ଗତ ଚୈତନ୍ୟ ସ୍ୱାଇଁ ଓ ମାତା ସ୍ୱର୍ଗତା ଚଞ୍ଚଳା ସ୍ୱାଇଁଙ୍କ ପାଞ୍ଚ ଝିଅଙ୍କ ଭିତରେ ମୁଁ ଏକମାତ୍ର ପୁଅ। ମୋର ଖଡ଼ି ଛୁଆଁ ପୂର୍ବରୁ, ମାଆ ସର୍ପ ଦଂଶନରେ ଇହଲୀଳା ସମ୍ବରଣ କରିଥିଲେ। ବାପା ଥିଲେ ଜଣେ ଶିକ୍ଷକ ନେତା ; ତେଣୁ ତାଙ୍କ ଦୈନନ୍ଦିନ ଜୀବନ ଥିଲା ଖୁବ୍ ବ୍ୟସ୍ତବହୁଳ। ଅନେକ ମାତୃହୀନ ସନ୍ତାନ, ଶିକ୍ଷକତା ଓ ସଂଘୀୟ କାମକୁ ନେଇ ତାଙ୍କ ଜୀବନ ଭାରି ସଂଘର୍ଷମୟ ହୋଇ ଉଠୁଥିଲା। କିନ୍ତୁ ସେହି ପରିସ୍ଥିତିରେ ବଡ଼ ଭଉଣୀ ଓ ଜେଜେମା'ଙ୍କ ସହଯୋଗ, ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ହିଁ ଆମ ସବୁ ଭାଇ ଭଉଣୀଙ୍କ ପାଇଁ ଆଶୀର୍ବାଦ ପାଲଟିଥିଲା। ବାପା ମଧ୍ୟ ଥିଲେ ସାହିତ୍ୟ ଅନୁରକ୍ତ। ତାଙ୍କର ପ୍ରବଳ ପଠନାଗ୍ରହ ଥିଲା। ହରିବଂଶ, ରାମାୟଣ, ଗୀତ ଗୋବିନ୍ଦ, ଭାଗବତ, ବିଷ୍ଣୁ ପୁରାଣ, ବୈଦେହୀଶ ବିଳାଶ ପ୍ରଭୃତି ବହି ଆମ ଘରେ ଉଚ୍ଚ ସ୍ଥାନରେ ଥିଲେ। ପୁଣି ଘରକୁ ନାନା ପ୍ରକାରର ଶିଶୁ ଓ ସାହିତ୍ୟ ପତ୍ରିକା ପ୍ରତି ମାସରେ ଆସୁଥିଲା। ଭିନ୍ନଭିନ୍ନ ବହି ଯେମିତିକି ଗଳ୍ପ, ନାଟକ, ଉପନ୍ୟାସକୁ ନେଇ ଆମ ଘର ଏକ ଛୋଟ ପାଠାଗାରରେ ରୂପାନ୍ତରିତ ହୋଇଥିଲା। ଆଉ ସେହି ପରିବେଶ ହିଁ ମୋତେ ସାହିତ୍ୟ ପ୍ରତି ଆଗ୍ରହୀ କରିଥିଲା। ବାପା ମୋଟଙ୍ଗା (ମେରାମଣ୍ଡଳୀ) ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲାବେଳେ, ମୁଁ ସେଇଠି ପଢୁଥିଲି। ଗାଁରୁ ମୋଟଙ୍ଗା ପ୍ରାୟ ଛଅ କି.ମି ଦୂର। ମୁଁ ତାଙ୍କ ସହିତ ନିୟମିତ ସାଇକେଲରେ ଯା'ଆସ କରୁଥିଲି। ବାପାଙ୍କ ସହିତ ସେହି ଯିବା ଆସିବା ମୁହୂର୍ତ୍ତଗୁଡିକ ଥିଲା ମୋ ଜୀବନର ଅମୃତ ବୋଲା ସମୟ। କାରଣ ସେହି ସମୟରେ ମୁଁ ବାପାଙ୍କ ପାଖରୁ ଶୁଣୁଥିବା କଥା, କାହାଣୀ, ପୁରାଣ, ଦର୍ଶନ, ନୀତିପୂର୍ଣ୍ଣ ବଚନ ହିଁ ମୋ ଜୀବନ ନିର୍ମାଣର ଏକ ସଶକ୍ତ ଦିଗ ଥିଲା କହିଲେ ଭୁଲ ହେବ ନାହିଁ। ଏହା ମୋର ପୁସ୍ତକ ପ୍ରେମକୁ ସମିଶ୍ରିତ କରି ହୃଦୟରେ ସୃଷ୍ଟି କରିଥିଲା ସୃଜନ ପୁଲକ। ଆଉ ସେହି ପୁଲକର ପ୍ରଚ୍ଛଦରେ ଥିଲେ ବାପା। ମୁଁ କଲେଜ ଛୁଇଁଲା ବେଳକୁ ଗପ କବିତା ଲେଖିବା ଆରମ୍ଭ କରି ସାରିଥିଲି। ଯୁକ୍ତ ଦୁଇ ବିଜ୍ଞାନ ପଢୁଥିବା ସମୟରେ ମୋର ଏକ କବିତା ''ଅନ୍ୱେଷଣ'' ଆକାଶବାଣୀ କଟକର ଯୁବବାଣୀ ବିଭାଗରେ ରେକର୍ଡ ହେଲା। ଏହା ହେଲା ୧୯୯୪ ମସିହାର କଥା। ସେ ସମୟରେ ମୋତେ ଦୁଇଶହ ଟଙ୍କା ପାରିଶ୍ରମିକ ମିଳିଥିଲା। ଆଉ ସେତେବେଳର ସେହି ଦୁଇଶହ ଟଙ୍କା ଏବଂ ରେଡ଼ିଓରେ ନିଜ କଣ୍ଠସ୍ୱର ଶୁଣିବାର ଆନନ୍ଦ ଆଜିବି ମୋ ମନରେ ଶିହରଣ ଆଣିଦିଏ। ପରେ ଅନେକ ଥର ରେଡ଼ିଓ ରେକର୍ଡ ପାଇଁ ଯାଇଥିଲେ ବି ସେହି ଅନୁଭବ ପୁନଃ ପ୍ରାପ୍ତ ହୋଇ ନାହିଁ। ସେହିପରି ଜୀବନପଥରେ ବୃତ୍ତିଗତ ବା ଭିନ୍ନ ମାଧ୍ୟମରୁ ଅନେକ ରୋଜଗାର ଆସିଥିଲେ ମଧ୍ୟ, ସେହି ଦୁଇଶହ ଟଙ୍କା ପ୍ରାପ୍ତିର ଆନନ୍ଦ ସହିତ ସମାନ ହୋଇପାରି ନାହିଁ ଓ ତାହା ସବୁବେଳେ ଅନନ୍ୟ ହୋଇ ରହିଛି। ଯା'ଭିତରେ ମୋର ଚାରି ଖଣ୍ଡ କ୍ଷୁଦ୍ର ଗଳ୍ପ ସଂକଳନ (ସତ ସ୍ୱପ୍ନର ରାତି, ବିଷ, ନିଜନିଜ ପ୍ରତିବିମ୍ବ, ଗୋଟିଏ ଅପରାଧ ସମ୍ପର୍କରେ) ଓ ଖଣ୍ଡେ କବିତା ସଂକଳନ (ସାଗର ପକ୍ଷୀ) ପ୍ରକାଶିତ ହୋଇସାରିଛି। ଶତାଧିକ ଗପ, କବିତା, ସ୍ତମ୍ଭ ଇତ୍ୟାଦି ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜରେ ପ୍ରକାଶିତ ମଧ୍ୟ ପାଇସାରିଛି। ଅବଶ୍ୟ ଏ କଥା ସତ ଯେ, ମୋ ସୃଜନର ସକଳ ମୂଳାଧାର ମୋ ବାପା, ଏହି ଅଦ୍ଭୁତ ଅନୁଭବ ସହ ନିଶ୍ଚିତ ଭାବେ ହୃଦୟ କନ୍ଦରକୁ ଆବୋରି ପକାନ୍ତି। ଆଖିକୁ ଜକେଇ ଆସେ ଲୁହ, ସିକ୍ତ ହୁଏ ହୃଦୟ। ଆଉ ତାହାହିଁ ମୋତେ ଅଧିକ ଲେଖିବାକୁ ଅନୁପ୍ରାଣିତ କରୁଥାଏ।

# ଗ୍ଲାମର୍ସ ଗୁରୁ





**ଗ୍ଲାମର ଦୁନିଆର ଏମାନେ ଜଣେ ଜଣେ ସଫଳ ତାରକା। ତାଙ୍କ ଷ୍ଟାଇଲ୍, ତାଙ୍କ ଲାଇଫ୍ ଷ୍ଟାଇଲ୍‌କୁ ସମସ୍ତେ ଫଲୋ କରନ୍ତି। ତାଙ୍କ ବିଷୟରେ ଅଧିକରୁ ଅଧିକ ଜାଣିବାକୁ ସମସ୍ତେ ଚାହାନ୍ତି। ହେଲେ ଜାଣନ୍ତି କି ଏମାନଙ୍କ ଭିତରୁ କିଛି ତାରକା ଦିନେ କାହାରି ଗୁରୁ ଥିଲେ। ତାଙ୍କର ଅନେକ ଶିଷ୍ୟ ଥିଲେ। କେହି କେହି ଏବେ ବି ଗୁରୁ ଅଛନ୍ତି । ସେଇ ଗ୍ଲାମର୍ସ ଗୁରୁମାନଙ୍କ ସମ୍ପର୍କରେ...**

**କିଆରା ଆଡଭାନି:** ଗ୍ଲାମର୍ସ କିଆରା ବଲିଉଡ୍‌ର ଜଣେ ଲୋକପ୍ରିୟ ନାୟିକା ହେବା ପୂର୍ବରୁ ଏକ ପ୍ଲେ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ । କଥାଟି ବିଶ୍ୱାସ ହେଉ ନ ଥିବ । ହେଲେ ଏହି ଡିଭା ଦିନେ କୁନି କୁନି ପିଲାଙ୍କୁ ପଢାଉଥିଲେ । ସେପୁଣି ନିଜ ମା'ଙ୍କ ପ୍ଲେ ସ୍କୁଲରେ । ସେଠି ସେ ପିଲାଙ୍କୁ ରାଇମ୍ସ ଶିଖାଇବା ସହ ଏ,ବି,ସି, ଡି ପଢାଉଥିଲେ । ଜୀବନ ଜିଇବାର କଳା ଶିଖାଉଥିଲେ । ପିଲାଙ୍କୁ ଖୁବ୍ ଭଲ ପାଇବା ସହ ସେମାନଙ୍କର ଭଲ ଯତ୍ନ ନେଉଥିଲେ । ଏମିତିକି ପିଲାଙ୍କ ଡାଇପର୍ ବି ବଦଳାଉଥିବା ଥରେ ଏକ ଗଣମାଧ୍ୟମକୁ କହିଥିଲେ । ତେଣୁ ପିଲାଙ୍କର ସେ ପ୍ରିୟ ଶିକ୍ଷୟିତ୍ରୀ ଥିଲେ ।




**ଅକ୍ଷୟ କୁମାର:** ଖିଲାଡି କୁମାର ଭାବେ ପରିଚିତ ଅକ୍ଷୟ କୁମାର ତାଙ୍କର ଫିଟନେସ୍ ଓ ଫିଟ୍ ଲାଇଫ୍ ଷ୍ଟାଇଲ୍ ପାଇଁ ବେଶ୍ ପରିଚିତ । ସେ ମାର୍ଶଲ ଆର୍ଟ କଳାରେ ବି ନିପୁଣ ବୋଲି ମଧ୍ୟ ସମସ୍ତେ ଜାଣନ୍ତି । ଉଚ୍ଚ ଶିକ୍ଷା ଅଧାରୁ ଛାଡି ବାପାଙ୍କୁ କହିଥିଲେ ଥାଇଲାଣ୍ଡ ଯିବେ ମାର୍ଶଲ ଆର୍ଟ ଶିଖିବାକୁ। ବାପା ଟଙ୍କା ସଞ୍ଚୟ କରି ତାଙ୍କୁ ବ୍ୟାଂକକ ପଠାଇଥିଲେ । ପରେ ଯେବେ ସେ ପ୍ରଥମେ ମୁମ୍ବାଇ ଆସିଲେ ଏକ ମାର୍ଶଲ ଆର୍ଟ ସ୍କୁଲ ଖୋଲିଥିଲେ । ଆଉ  ପିଲାଙ୍କୁ ମାର୍ଶଲ ଆର୍ଟ ଶିଖାଉଥିଲେ । ଏହି ସମୟରେ ଅକ୍ଷୟଙ୍କର ଜଣେ ଛାତ୍ରଙ୍କ ବାପା ଯେକି ଜଣେ ମଡେଲ କୋ-ଅର୍ଡିନେଟର ଥିଲେ, ଅକ୍ଷୟଙ୍କୁ ମଡେଲିଂ କରିବାକୁ ପରାମର୍ଶ ଦେଇଥିଲେ । ଆଉ ଏକ ଫର୍ନିଚର ଶୋ'ରୁମ୍ ପାଇଁ ପ୍ରଥମ ମଡେଲିଂ ଆସାଇନ୍‌ମେଣ୍ଟ ବି ଦେଇଥିଲେ । ମାତ୍ର ଦୁଇ ଦିନର ଶୁଟିଂରେ ସେ ଯେତିକି ରୋଜଗାର କଲେ ତାହା ତାଙ୍କର ମାସକ ଦରମାଠୁ ଅଧିକ ଥିଲା । ତେଣୁ ସେ ମଡେଲିଂକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଲେ । ଏହାପରେ ସେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଓ ପରେ ଦମ୍‌ଦାର ଅଭିନୟ କରି ବଲିଉଡ୍‌ରେ ରାଜ କରିବାକୁ ଲାଗିଲେ ।

**ଚନ୍ଦ୍ରଚୁଡ ସିଂ:** ଚଳଚ୍ଚିତ୍ର ଜଗତକୁ ଆସିବା ପୂର୍ବରୁ ଚନ୍ଦ୍ରଚୂଡ଼ ଏକ ସ୍କୁଲରେ ଶିକ୍ଷକ ଥିଲେ । ସେ କେବେ ବି ଭାବି ନ ଥିଲେ ଅଭିନେତା ହେବେ ବୋଲି । ହେଲେ ପିଲାଟିଦିନରୁ ତାଙ୍କର ଅଭିନୟ ପ୍ରତି ଦୁର୍ବଳତା ଥିଲା । ତା'ସହ ଗୀତ ଗାଇବାକୁ ଭଲ ପାଉଥିବାରୁ ଶାସ୍ତ୍ରୀୟ ସଙ୍ଗିତରେ ତାଲିମ ନେଇଥିଲେ । ପଢା ସରିବା ପରେ ଚନ୍ଦ୍ରଚୁଡ଼ ସିଂ ଦିଲ୍ଲୀର ବସନ୍ତ ଭ୍ୟାଲୀ ସ୍କୁଲରେ ପିଲାଙ୍କୁ ସଙ୍ଗିତ ଶିଖାଇବା ଆରମ୍ଭ କରିଥିଲେ । ପରେ  ସେ ଡୁନ ସ୍କୁଲରେ ପିଲାଙ୍କୁ ଇତିହାସ ବି ପଢାଇଲେ । ପିଲାଙ୍କୁ ପଢାଇବା ସହ ନିଜେ ଆଇଏଏସ୍ ହେବା ପାଇଁ ପ୍ରସ୍ତୁତ ହେଉଥିଲେ । ୟା ଭିତରେ ତାଙ୍କୁ ଅଭିନୟ କରିବାର ଅଫର୍ ମିଳିଲା । ତେଣୁ ମୁମ୍ବାଇ ଚାଲି ଆସିଲେ । କିଛି ଚଳଚ୍ଚିତ୍ର କଲେ ହେଲେ ସେସବୁ ରିଲିଜ ହେଇପାରିଲାନି। ତା'ପର ୫ ବର୍ଷ ଅଭିନୟର ଆଦୌ ଅଫର୍ ଆସିଲାନି। ତେଣୁ ପୁଣିଥରେ ଫେରି ପିଲାଙ୍କୁ ପଢାଇବାକୁ ଭାବିଲେ । ହେଲେ ହଠାତ୍ ଆସିଲା 'ତେରେ ମେରେ ସପନେ' ଚଳଚ୍ଚିତ୍ରର ଅଫର୍। ତାହା ତାଙ୍କର ଡେବ୍ୟୁ ଚଳଚ୍ଚିତ୍ର ହେଲା । ପରେ 'ମାଚିସ୍' ଚଳଚ୍ଚିତ୍ରରେ ଅଭିନୟ କଲେ, ଯାହାକି ବ୍ଲକ ବଷ୍ଟର ହିଟ୍ ହେଲା ।

**ଅନୁପମ ଖେର:** ଜଣେ ନିପୁଣ ତଥା ଦକ୍ଷ ଅଭିନେତା ଭାବେ ଅନୁପମ୍ ଖେର ବେଶ୍ ପରିଚିତ । ତେବେ ସେ ଖାଲି ଜଣେ ଦକ୍ଷ ଅଭିନେତା ନୁହନ୍ତି ସେ ନୂଆ ନୂଆ ଅଭିନେତା ଅଭିନେତ୍ରୀ ଗଢିବାକୁ ବି ଭଲ ପାଆନ୍ତି । ସେଥିପାଇଁ ସେ ୨୦୦୫ ମସିହାରେ ମୁମ୍ବାଇରେ 'ଆକ୍ଟର ପ୍ରିପେର୍ସ' ନାମକ ଏକ ଆକ୍ଟିଂ ସ୍କୁଲ ଖୋଲିଥିଲେ । ଅଭିନୟରେ ରୁଚି ରଖୁଥିବା ଅନେକ ମଣିଷଙ୍କୁ ସେ ଭଲ କଳାକାର ଭାବେ ଗଢି ତୋଳିଛନ୍ତି । ଅନେକେ ତ ବଲିଉଡ୍‌ରେ ରାଜ କରୁଛନ୍ତି । ଯେଉଁମାନଙ୍କ ଭିତରେ ଦିପୀକା ପାଦୁକୋନ, ବରୁଣ ଧୱନ ଆଦି ଅନ୍ତର୍ଭୁକ୍ତ ।

**ନନ୍ଦିତା ଦାସ:** ଉଭୟ ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ନିଜର ଦକ୍ଷତା ସାବ୍ୟସ୍ତ କରିଛନ୍ତି ନନ୍ଦିତା ଦାସ । ଫାୟାର, ଅର୍ଥ, ବୱଣ୍ଡର, ବିଫୋର ଦ ରେନ୍ ଭଳି ଚଳଚ୍ଚିତ୍ର ପାଇଁ ତାଙ୍କୁ ମନେ ପକାଯାଏ । କାନ୍ସ ଫିଲ୍ମ ଫେଷ୍ଟିଭାଲରେ ତ ସେ ଦୁଇଥର ଜୁରୀ ଦାୟିତ୍ୱ ତୁଲାଇଛନ୍ତି । ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ସାରା ବିଶ୍ୱରେ ପରିଚିତ ନନ୍ଦିତା ବି ଦିନେ ଶିକ୍ଷୟିତ୍ରୀ ଥିଲେ । ଗ୍ରାଜୁଏସନ୍ ପରେ ଯେବେ ସେ ଥିଏଟର ସହ ଜଡ଼ିତ ଥିଲେ ସେତେବେଳେ ସେ ଦକ୍ଷିଣରେ ଥିବା ରିଷୀ ଭ୍ୟାଲୀ ସ୍କୁଲରେ କିଛିଦିନ ପାଇଁ ଶିକ୍ଷକତା କରିଥିଲେ ।





## ହା଼ ହା଼

### ହଜିଗଲେ

ସ୍ତ୍ରୀ ସ୍ୱାମୀଙ୍କୁ: ମୁଁ ଯଦି ହଜିଯାଏ
ତୁମେ କ'ଣ କରିବ ?
ସ୍ୱାମୀ: ଖବରକାଗଜରେ ବିଜ୍ଞାପନ ଦେବି।
ସ୍ତ୍ରୀ: ମତେ ତମେ ଏତେ ଭଲ ପାଅ ? ତେବେ
ବିଜ୍ଞାପନରେ ମୋ ବାବଦରେ କ'ଣ ଲେଖିବ ?
ସ୍ୱାମୀ: 'ଯିଏ ପାଇବ, ସିଏ ତା'ର।

### ବସିପଡ଼ନ୍ତୁ

ଜଣେ ମହିଳାଙ୍କୁ ବସ୍‌ରେ ବହୁତ ସମୟ ଧରି
ଠିଆ ହୋଇଥିବା ଦେଖି ଏକ ଛୋଟ ପିଲା ନିଜ
ସ୍ଥାନରୁ ଉଠିପଡ଼ି କହିଲା– ଆଣ୍ଟି, ଆପଣ ମୋ
ଜାଗାରେ ବସି ଯାଆନ୍ତୁ। ଗୋଡ କାଟିବଣି।
ମହିଳା ଜଣକ କିନ୍ତୁ ରାଗିଯାଇ: ଚୁପ୍ କିନା ବସିବୁ
ନା ଗାଲକୁ ଦି' ଚଟ୍‌କଣା ଦେବି ?
ପିଲାଟି ମନ ଦୁଃଖକରି ପୁଣିଥରେ ନିଜସ୍ଥାନ
'ନିଜ ବାପାଙ୍କ କୋଳ'ରେ ବସିପଡିଲା।

### ଆଲବମ୍

ମା' କୁନି ପୁଅକୁ ପୁରୁଣା ଆଲବମ୍ ଦେଖଉଥାନ୍ତି।
କୁନି ପୁଅଟି ଜଣଙ୍କ ଫଟୋ ଦେଖି: ମା' ଇଏ
କିଏ ? ମା': ଇଏ ପରା ତୋ ବାପା।
ପୁଅ: ଇଏ ଯଦି ମୋ ବାପା, ତେବେ ଆମେ ଏବେ
ଏଇ ଚନ୍ଦା ମୁଣ୍ଡିଆ ଲୋକ
ସହ କାହିଁକି ରହୁଚେ ?
ମା': ଏଇ ଚନ୍ଦାମୁଣ୍ଡିଆ ହିଁ ଫଟୋର
ସେଇ ଲୋକ।

### ହୃଦସ୍ପନ୍ଦନ

ମୀନା ଓ ରାଜୁ ଡିନର୍ ଡେଟ୍‌ରେ ଯାଇଥାନ୍ତି।
ମୀନା: ଖାଇବା କେତେ ଟେଷ୍ଟି, ପରିବେଶ ବି
ଭାରି ରୋମାଣ୍ଟିକ ଅଛି। ତମେ ଏମିତି କିଛି କୁହନା,
ଯେମିତିକି ମୋ' ହୃଦ୍‌ସ୍ପନ୍ଦନ ବଢ଼ିଯିବ।
ରାଜୁ: ୱାଲେଟ୍ ଆଣିବାକୁ ଭୁଲି ଯାଇଛି।
ବିଲ୍ କେମିତି ଦେବା ?
ମୀନା: ହୃଦ୍‌ସ୍ପନ୍ଦନ ବଢେଇବାକୁ କହିଥିଲି। ହାର୍ଟ
ଆଟାକ୍ କରେଇବାକୁ ନୁହଁ।

# ଧରାକୋଟ ରାଜବାଟୀ



ଗଞ୍ଜାମ ଜିଲାର ଅନ୍ୟତମ ସମୃଦ୍ଧ ଐତିହ୍ୟ ମଧ୍ୟରେ ଆସେ ଧରାକୋଟ ରାଜପ୍ରାସାଦ। ଧରାକୋଟ ଇତିହାସରୁ ଜଣାପଡ଼େ ଖିଡ଼ିସିଙ୍ଗି ରାଜ୍ୟର ରାଜା ତଥା ଧରାକୋଟଗଡ଼ର ପ୍ରତିଷ୍ଠାତା ଶୋଭାଚନ୍ଦ୍ର ସିଂ ନିଜ ରାଜ୍ୟକୁ ୪ ଭାଗରେ ବିଭକ୍ତ କରିଥିଲେ। ସେଥିମଧ୍ୟରୁ ଧରାକୋଟ ଅଞ୍ଚଳର ଶାସନ ହାଡ୍ଡୁ ସିଂଙ୍କୁ ୧୪୭୬ଖ୍ରୀଷ୍ଟାବ୍ଦରେ ପ୍ରଦାନ କରିଥିଲେ। ହାଡ୍ଡୁ ସିଂ ନିଜର ଦଳବଳ ଧରି ବଡ଼ଗଡ଼ରୁ ଆସି ପୁଣ୍ୟତୋୟା ଋଷିକୁଲ୍ୟା ନଦୀର ଉତ୍ତର ପାର୍ଶ୍ୱରେ ଥିବା ତାଳପୁଟ ଅଞ୍ଚଳରେ ପହଞ୍ଚିଥିଲେ। ସେତେବେଳେ ସେହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ଲୋକକଥା ଅନୁସାରେ ଦିନେ ରାଜା ହାଡ୍ଡୁ ସିଂ ନିଜର ଅନୁଗତଙ୍କ ସହ ଶିକାର ପାଇଁ ବାହାରିଥିଲେ। ସେହି ଜଙ୍ଗଲରେ ହଠାତ୍ ରାଜାଙ୍କ ଶିକାରୀ କୁକୁରକୁ ଏକ ଠେକୁଆ ଅତର୍କିତ ମାଡ଼ିବସିଥିଲା। ଏହି ଘଟଣା ରାଜାଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରିଥିଲା। ରାଜା ଅନୁଭବ କରିଥିଲେ ଯେ ଏହା ଏକ ବୀର ଭୂମି । ତେଣୁ ଏହାକୁ ସେ ନିଜର ଗଡ଼ କରିବେ । ସେତେବେଳେ ସେହି ସ୍ଥାନରେ ଏକ ଶବର ପଲ୍ଲୀ ଥିଲା। ଧରା ଓ ନୀଳା ନାମକ ଦୁଇଭାଇ ଏଠାରେ ବସତି ସ୍ଥାପନ କରିଥିଲେ। ରାଜା ହାଡ୍ଡୁ ସିଂଙ୍କ ସହିତ ସେମାନଙ୍କର ପ୍ରତ୍ୟକ୍ଷ ଯୁଦ୍ଧ ହେଲା। ଏହି ଯୁଦ୍ଧରେ ଶବର ଦୁଇଭାଇ ପରାସ୍ତ ହୋଇଥିଲେ। ତେବେ ପରାସ୍ତ ହୋଇଥିବା ଦୁଇଭାଇ ରାଜାଙ୍କ ଆଗରେ ଅନୁରୋଧ କରି କହିଲେ ଧରା ଶବର ନାମରେ ଧରାକୋଟ ଏବଂ ନୀଳା ଶବର ନାମରେ ନେଳିଆ ପୋଖରୀ ସ୍ଥାପନ କରାଯିବ। ଏଥିସହିତ ରାଜପଦରେ ଅଭିଷିକ୍ତ ସମୟରେ ତାଙ୍କ ସମ୍ପ୍ରଦାୟର ଲୋକେ ରାଜାଙ୍କ ଶିରିପା ବାନ୍ଧିବେ। ଏହାକୁ ରାଜା ସାଦରେ ଗ୍ରହଣ କରିଥିଲେ। ଧରାକୋଟ ଇତିହାସ ଏବଂ ଗବେଷକଙ୍କ ମତରେ ସେବେଠାରୁ ଏମିତି ହେଲା ଧରାକୋଟଗଡ଼ର ସୃଷ୍ଟି । ଧରାକୋଟ ରାଜାପ୍ରାସାଦରେ ମୋଗଲ ଯୁଗର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଦେଖିବାକୁ ମିଳେ। ଏହି ରାଜପରିବାର ମଧ୍ୟରେ ବହୁ ଯୋଗଜନ୍ମା ପ୍ରଜାନୁରାଗୀ, ଧର୍ମବନ୍ତ, ଜ୍ଞାନୀ ଓ ଗୁଣୀ ରାଜାମାନେ ସିଂହାସନ ଆରୋହଣକରି ସେମାନେ ନିଜର ପରାକାଷ୍ଠା ଦେଖାଇ ଧରାକୋଟର ଗୌରବମୟ ଇତିହାସ ସୃଷ୍ଟି କରିଥିଲେ। ସେମାନଙ୍କ ମଧ୍ୟରେ ଏହି ବଂଶର ରାଜକବି ରାଜା କୃଷ୍ଣ ସିଂହ ସଂସ୍କୃତ ମହାଭାରତ ଓ ହରିବଂଶକୁ ଓଡ଼ିଆରେ ଅନୁବାଦକରି ପୁସ୍ତକ ରଚନା କରିଥିଲେ। ରାଜା ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିବା ସହ ଜନହିତୈଷୀ କାର୍ଯ୍ୟମାନ କରିଥିଲେ। ୧୮୯୬ ସମୟରେ ରାଜା ମଦନମୋହନ ସିଂ ଦେଓ ସିଂହାସନ ଆରୋହଣ କରିଥିଲେ। ଏହି ସମୟକୁ ଧରାକୋଟର 'ସୁବର୍ଣ୍ଣଯୁଗ' କୁହାଯାଏ। ତାଙ୍କ ସମୟରେ ଜଗନ୍ନାଥ ମନ୍ଦିର, ନୂତନ ଆଡ଼ପ ମନ୍ଦିର ସମେତ ଏକାଧିକ ମନ୍ଦିର ନିର୍ମାଣ ଓ ମଠ ନିର୍ମାଣ କରିଥିଲେ। କାଳକ୍ରମେ ଗଞ୍ଜାମ ଜିଲାର ପ୍ରଥମ ପ୍ରାଥମିକ ବିଦ୍ୟାଳୟ, ସଂସ୍କୃତ ଟୋଲ ସ୍ଥାପନ, ଧରାକୋଟ ସ୍ୱାସ୍ଥ୍ୟକେନ୍ଦ୍ର ସହ ଖଲିକୋଟ କଲେଜରେ ବିଜ୍ଞାନାଗାର ଓ ସିଟି ମେଡିକାଲ ଏକ୍ସ–ରେ ବିଭାଗ ଆଦି ବହୁ ଅନୁଷ୍ଠାନ ରାଜାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହା ସହ ସେ ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୦୪ରେ ସେ କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ସଭାପତି ଥିଲେ। ସତ୍ୟବାଦୀ ବନବିଦ୍ୟାଳୟ ଉନ୍ନତୀକରଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କଳାସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ଉନ୍ନତି ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭୌଗୋଳିକ ଅବସ୍ଥିତିରୁ ଜଣାପଡ଼େ ଅତୀତରେ ଧରାକୋଟ ଗଡ଼ ଅଧୀନରେ ୧୮୮ଟି ରାଜସ୍ୱ ଗ୍ରାମ ରହିଥିଲା। ଏହି ଗଡ଼ର ୮ଏକରରୁ ଊର୍ଦ୍ଧ୍ୱ ପରିମିତ ଜମିରେ ରାଜପ୍ରାସାଦ ଅବସ୍ଥିତ। ଅନତି ଦୂରରେ ଥିବା ଋଷିକୁଲ୍ୟା ନଦୀ ଏବଂ ଶୂଳିଆ ପାହାଡ଼ ପାଦ ଦେଶରେ ଧରାକୋଟଗଡ଼ ଅବସ୍ଥିତ। ଗଡ଼ର ଦକ୍ଷିଣପଟେ ସୁଉଚ୍ଚ ଶୂଳିଆ ପାହାଡ଼, ଉତ୍ତରରେ ୧କି.ମି ବ୍ୟାପୀ ଗଡ଼ଖାଇ ରହିଛି। କିନ୍ତୁ ଗଡ଼ଖାଇ ଓ ଋଷିକୁଲ୍ୟା ନଦୀର ମଧ୍ୟଭାଗ ପ୍ରବେଶ ପଥରେ ରାଜା ସ୍ଥାପନ କରିଥିବା ହନୁମାନ ଦ୍ୱାର ଗ୍ରାମ ରହିଛି। ସେତେବେଳେ ଧରାକୋଟଠାରୁ ପ୍ରାୟ ୩ କି.ମି. ଦୂରରେ ଏକ ଶୈଳନିବାସ ରହିଥିଲା, ଯାହାର ଭଗ୍ନାବଶେଷ ଗଡ଼ ଦାମୋଦର ପଲ୍ଲୀଠାରେ ଦେଖିବାକୁ ମିଳେ। କିନ୍ତୁ ଗଡ଼ର ପଶ୍ଚିମ ପଟରେ ଅତିଥିମାନଙ୍କ ଉଦ୍ଦେଶ୍ୟରେ ଏକ ପଥର ବଙ୍ଗଳା ରହିଥିଲା। ଗଡ଼ରେ ମା' ବନଦୁର୍ଗା, ସତୀମଠ, କିରାଖାଇ ମଠ, ଋଷିକୁଲ୍ୟା ନଦୀ ପାର୍ଶ୍ୱରେ ମୁକ୍ତେଶ୍ୱରଦେବ, ପାତାଳେଶ୍ୱରୀ ଝରଣା ଆଦି ବହୁ ପୁରାତନ ମଠ ମନ୍ଦିର ରହିଛି। ତେବେ ରାଜା ହାଡ୍ଡୁ ସିଂଙ୍କଠାରୁ ଆରମ୍ଭ କରି ଏଯାଏ ୨୪ଜଣ ରାଜା ଧରାକୋଟ ସିଂହାସନ ଆରୋହଣ କରିସାରିଲେଣି। ଏହି ବଂଶର ରାଜା ପଦ୍ମନାଭ ସିଂଦେଓ ଧରାକୋଟ ପଞ୍ଚାୟତର ପ୍ରଥମ ସରପଞ୍ଚ ଓ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ । ତାଙ୍କ ଦେହାନ୍ତ ପରେ ଭ୍ରାତା ଅନନ୍ତ ନାରାୟଣସିଂଦେଓ, କିଶୋର ଚନ୍ଦ୍ର ସିଂଦେଓ ରାଜାଥିଲେ। ଅନନ୍ତ ନାରାୟଣ ସିଂଦେଓଙ୍କ ଧର୍ମପତ୍ନୀ ଶାନ୍ତି ଦେବୀ ଧରାକୋଟ ପଞ୍ଚାୟତ ସମିତିର ଦୁଇଥର ଅଧ୍ୟକ୍ଷା ଏବଂ ସୋରଡ଼ାର ବିଧାୟିକା ଥିଲେ। କିଶୋର ଚନ୍ଦ୍ର ସିଂଦେଓଙ୍କ ଧର୍ମପତ୍ନୀ ନନ୍ଦିନୀ ଦେବୀ ଧରାକୋଟ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଏବଂ ସାନଖେମୁଣ୍ଡିର ବିଧାୟିକା ଥିଲେ। ତେବେ ରାଜା ହାଡ୍ଡୁ ସିଂଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ରାଜଜେମା ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳିଙ୍କ ପର୍ଯ୍ୟନ୍ତ ୨୪ଜଣ ରାଜା ଧରାକୋଟ ସିଂହାସନ ଆରୋହଣ କରିସାରିଲେଣି। ୨୦୧୦ରେ ରାଜା କିଶୋରଚନ୍ଦ୍ର ସିଂ ଦେଓଙ୍କ ବିୟୋଗ ପରେ ତାଙ୍କର ଜ୍ୟେଷ୍ଠାକନ୍ୟା ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳି ରାଜସିଂହାସନରେ ଅଭିଷକ୍ତ ହୋଇଛନ୍ତି। ଏଥିସହିତ ସେ ଧରାକୋଟ ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଛନ୍ତି। ଏହି ଧରାକୋଟ ଗଡ଼ର ବହୁ ପୁରାତନ ଐତିହ୍ୟସମ୍ପନ୍ନ କୀର୍ତ୍ତିରାଜି ରହିଛି । ଯାହା ଏହି ରାଜବାଟୀ ଓ ଗଡ଼ର ସ୍ମୃତି ବହନ କରିଥାଏ।

**ଉପସ୍ଥାପନା–ବନବିହାରୀ ବେହେରା, ତଥ୍ୟ –ବିଷ୍ଣୁକେଶରୀ ଆଚାର୍ଯ୍ୟ**



ମଦନମୋହନ ସିଂ ଦେଓ



ରାଜଜେମା ସୁଶ୍ରୀ ସୁଲକ୍ଷଣା ଗୀତାଞ୍ଜଳି



# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା

# ସତ୍ତାଲ







**ପ୍ରକୃତିପ୍ରେମୀ ତଥା ପକ୍ଷୀପ୍ରେମୀଙ୍କ ପାଇଁ ସତ୍ତାଲ ହେଉଛି ସ୍ୱର୍ଗ, ଯାହାକି ଉତ୍ତରାଖଣ୍ଡରେ ଅବସ୍ଥିତ। ଏଠାରେ ସାତଟି ମଧୁରଜଳ ହ୍ରଦ ପରସ୍ପର ସହ ଲଗାଲଗି ହୋଇ ରହିଥିବାର ପର୍ଯ୍ୟଟକ ଦେଖିପାରିବେ...**

ସତ୍ତାଲ ହେଉଛି ଉତ୍ତରାଖଣ୍ଡର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ; ଯାହାକି ସାତଟି ମଧୁରଜଳ ହ୍ରଦର ସମୁହ ପାଇଁ ବେଶ୍ ଲୋକପ୍ରିୟ। ଆଉ ସେହି ସାତଟି ମଧୂରଜଳ ପାଇଁ ହିଁ ଏହାର ନାମ ସତ୍ତାଲ ରଖାଯାଇଥିବା ବିଶ୍ୱାସ କରାଯାଉଛି। ସତ୍ତାଲକୁ କେହି କେହି ସାତ ତାଲ୍ ବାଲି ବି ସମ୍ବୋଧନ କରିଥାନ୍ତି। ଅପୂର୍ବ ପ୍ରାକୃତିକ ଦୃଶ୍ୟର ଗନ୍ତାଘର କୁହାଯାଉଥିବା ଏହି ସ୍ଥାନରେ ପର୍ଯ୍ୟଟକ ଜାତିଜାତିକା ପକ୍ଷୀ, ପ୍ରଜାପତି ତଥା ମାଛ ଦେଖିବାର ମଜା ବି ନେଇପାରିବେ।


ବହୁ ଉଚ୍ଚ ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ସତ୍ତାଲର ସୁଖଦ ପରିବେଶ ସାଙ୍ଗକୁ ଏଠାରେ ପରସ୍ପର ସହ ସଂଲଗ୍ନ ହୋଇ ରହିଥିବା ସାତଟି ହ୍ରଦର ଅପୂର୍ବ ସୌନ୍ଦର୍ଯ୍ୟ କାହାକୁ ବି ଆନମନା କରିପାରେ। ଖାସ୍ ସେଇଥିପାଇଁ ତ ଏଠାକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକଙ୍କର ଯା'ଆସ ଲାଗି ରହିଥାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏହି ସାତଟି ହ୍ରଦରେ ଯେଉଁ ଜଳ ଦେଖିବାକୁ ମିଳେ, ତାହାର ସ୍ରୋତ ପ୍ରାକୃତିକ ଝରଣାରୁ ହିଁ ଆସିଥାଏ। ସେଥିପାଇଁ ଏହି ହ୍ରଦଗୁଡ଼ିକର ଜଳ ମଧୁର। ସେହିପରି ଆଉ ଏକ ମନଛୁଆଁ କଥା ହେଉଛି, ଏହି ସାତଟି ହ୍ରଦର ନାମ ବି ହିନ୍ଦୁ ଶାସ୍ତ୍ରାନୁସାରେ ରଖାଯାଇଛି। ଯେମିତିକି: ରାମ ତାଲ୍, ଲକ୍ଷ୍ମଣ ତାଲ୍, ସୀତା ତାଲ୍, ହନୁମାନ ତାଲ୍, ସୁଖ ତାଲ୍ ବା ଭରତ ତାଲ୍, ନଳଦମୟନ୍ତୀ ତାଲ୍, ପନ୍ନା ତାଲ୍ ବା ଗରୁଡ଼ ତାଲ୍।

### ଆଉ କ'ଣ ଦେଖିବେ

ପର୍ଯ୍ୟଟକ ସତ୍ତାଲରେ ଏହି ୭ଟି ହ୍ରଦ ଦେଖିବା ବ୍ୟତିତ ଏଠାକାର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଦେଖିବାର ସୁଯୋଗ ପାଇପାରିବେ। ଯେମିତିକି: ଭୀମତାଲ୍, ନୈନିତାଲ, ସୁଭାଷ ଧାରା, ମେଥୋଡିଷ୍ଟ ଆଶ୍ରମ ଇତ୍ୟାଦି ଅନ୍ୟତମ। ସେହିପରି ପ୍ରଜାପତି ସଂଗ୍ରହାଳୟ ବି ହେଉଛି ସତ୍ତାଲର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକ ଏଠାକୁ ଯାଇ ପ୍ରାୟ ୨୫୦୦ ପ୍ରଜାତିର ପ୍ରଜାପତି ଦେଖିବା ସହ ସେ ସମ୍ପର୍କିତ ବହୁ ଅଜଣା ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ। କେବଳ ସେତିକି ନୁହେଁ, ଉକ୍ତ ସଂଗ୍ରହାଳୟରେ ପ୍ରାୟ ୧୧୦ ପ୍ରଜାତିର ବିଭିନ୍ନ ଦୁର୍ଲଭ କୀଟଗୁଡ଼ିକୁ ଦେଖିବାର ବି ସୁବିଧା ପର୍ଯ୍ୟଟକ ନେଇପାରିବେ। ଏସବୁ ବ୍ୟତିତ ଏଠାକାର ହ୍ରଦଗୁଡ଼ିକରେ ନାନା ଜାତିର ମାଛ ବି ଦେଖିବାକୁ ପର୍ଯ୍ୟଟକ ପାଇପାରିବେ। ଆଉ ସତ୍ତାଲର ସବୁଠୁ ଯାହା ଆନନ୍ଦ ଦିଏ, ତାହା ହେଉଛି ଏଠାକାର ଜାତିଜାତିକା ପକ୍ଷୀର ଅପୂର୍ବ ଦୃଶ୍ୟ।

### କେବେ ଓ କେମିତି ଯିବେ

ସତ୍ତାଲକୁ ଯିବା ପାଇଁ ଖରାଦିନ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ପାଣିପାଗ ବୁଲାବୁଲି ପାଇଁ ବେଶ୍ ଅନୁକୂଳ। ଶୀତଦିନେ ବି ଶୀତବସ୍ତ୍ର ଧରି ଏଠାକୁ ଯାଇ ବୁଲିହେବ। ତେବେ ବର୍ଷାଦିନେ ଏଠାକୁ ଯିବା ପାଇଁ ବାରଣ ଥିଲେ ବି କିଛି ଦୁଃସାହସିକ ପର୍ଯ୍ୟଟକ ବର୍ଷାର ଅପୂର୍ବ ଅନୁଭୂତିକୁ ସାଉଁଟିବାକୁ ଏଠାକୁ ବର୍ଷାଦିନେ ଆସିଥାନ୍ତି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ପନ୍ତନଗର ଏୟାରପୋର୍ଟ ଏଠାକାର ନିକଟତମ ବିମାନବନ୍ଦର ହୋଇଥିବାବେଳେ କାଠଗୋଦାମ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ପ୍ରମୁଖ ରେଳଷ୍ଟେଶନ। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ସତ୍ତାଲ ଯିବା ପାଇଁ ଟୁରିଷ୍ଟ ବସ୍‌ର ବି ଭଲ ବ୍ୟବସ୍ଥା ରହିଛି।



# ଲେମ୍ବୁ ଲଙ୍କା ମାଳ କାହିଁକି ଝୁଲାଯାଏ

**ଘର ଓ ଦୋକାନ ବାହାରେ, ଏମିତିକି କି ଗାଡିରେ ଲେମ୍ବୁ ଲଙ୍କା ମାଳ ଝୁଲି ରହିଥିବା ଦେଖିଥିବେ। ବହୁ ପୁରାତନ ଏହି ଚଳଣି। ବିଶ୍ୱାସ କରାଯାଏ ଏହା ଖରାପ ନଜର କିମ୍ବା ନକାରାତ୍ମକ ଉର୍ଜାରୁ ରକ୍ଷା କରିଥାଏ। ଅନେକେ ଏହାକୁ ଅନ୍ଧ ବିଶ୍ୱାସ ମନେ କରନ୍ତି। ତେବେ ପ୍ରକୃତରେ ଏହାପଛର କାରଣ କ'ଣ? କ'ଣ ଏହା କେବଳ ଏକ ଟୁଟୁକା ଅବା ଏହା ପଛରେ ଅଛି କୌଣସି ବୈଜ୍ଞାନିକ କାରଣ?**

ବିଶ୍ୱାସ ରହିଛି ଲେମ୍ବୁ ଲଙ୍କାକୁ ଘର ବାହାରେ ଟଙ୍ଗାଇଲେ ଖରାପ ନଜର, ନକାରାତ୍ମକତା ଓ ସୈତାନ ଦୂର ହୋଇଥାନ୍ତି। ଏହାଦ୍ୱାରା ପରିବାରରେ ସୁଖଶାନ୍ତି ଆସେ ଓ ବ୍ୟାପାରରେ ଲାଭ ହୁଏ। କିନ୍ତୁ ବିଜ୍ଞାନ କହେ ଉଭୟ ଲେମ୍ବୁ ଓ ଲଙ୍କାରେ କୀଟନାଶକ ଓ ଔଷଧୀୟ ଗୁଣ ଥାଏ। ଲେମ୍ବୁରେ ସାଇଟ୍ରିକ ଅମ୍ଳ ଓ ଲଙ୍କାରେ କ୍ୟାପ୍ସାଇସିନ୍ ଥାଏ। ଉଭୟକୁ ଯେତେବେଳେ କଟନ ସୁତାରେ ମାଳ କରାଯାଏ ଉଭୟର ରସ ସୁତାରେ ଲାଗେ। ଖଟା ଓ ରାଗ ମିଶା ଏକ ସୁଗନ୍ଧ ନିର୍ଗତ ହୁଏ, ଯାହାକି ପରିବେଶକୁ ବହୁତ ସମୟ ପର୍ଯ୍ୟନ୍ତ ତାଜା ରଖେ। ତା'ଛଡ଼ା ଏଥିରେ କୀଟନାଶକ ଗୁଣ ଥାଏ। ଫଳରେ ଏହା ପୋକ, କିଟପତଙ୍ଗ ଓ ମଶାମାଛି ପାଇଁ ଏକ ପ୍ରାକୃତିକ ଅବରୋଧକ ସାଜେ। ତେଣୁ ଜୀବାଣୁ କୀଟାଣୁ ଓ କିଟପତଙ୍ଗ ଦୂରେଇ ଯାଆନ୍ତି। ପରିବେଶ ବିଶୁଦ୍ଧ ରହେ। ରୋଗ କମ୍ ହୁଏ। ସ୍ୱାସ୍ଥ୍ୟ ଭଲ ରହେ। ସକାରାତ୍ମକ ଉର୍ଜା ସଞ୍ଚାର ହୁଏ। ସକାରାତ୍ମକ ଭାବ ଜୀବନରେ ସଫଳତା, ଖୁସି ଆଣିଦିଏ। ସୁଖ-ସମୃଦ୍ଧି ଆସେ। ଲେମ୍ବୁର ସାଇଟ୍ରିକ ଏସିଡ ପରିବେଶକୁ ଶୁଦ୍ଧ ରଖେ। ସେହିପରି ଲଙ୍କାରେ ଥିବା କ୍ୟାପ୍ସାଇସିନ ସାପ, ବିଛା ଭଳି ବିଷାକ୍ତ ଜୀବଙ୍କୁ ଦୂରେଇବାରେ ସାହାଯ୍ୟ କରେ। ଲେମ୍ବୁ, ଲଙ୍କାର ଗନ୍ଧ ଝିଟିପିଟି ଓ ଅନ୍ୟ ମେରୁଦଣ୍ଡୀ କିଟଙ୍କୁ ବି ପାଖକୁ ଆସିବାକୁ ଦିଏ ନାହିଁ। ତେଣୁ ପୂର୍ବେ ଲୋକେ ମାଛି, ମଶା, ପୋକ, କିଟପତଙ୍ଗଙ୍କୁ ଘର, ଦୋକାନ ତଥା ଖାଇବା ପିଇବା ସ୍ଥାନଠାରୁ ଦୂରେଇ ରଖିବା ଲାଗି ଲେମ୍ବୁ ଲଙ୍କାର ବ୍ୟବହାର କରୁଥିଲେ। ଏହାବାଦ ପୂର୍ବେ ଯେବେ ଆଧୁନିକ ଚିକିତ୍ସା ପଦ୍ଧତିର ବିକାଶ ହୋଇ ନ ଥିଲା ଲୋକେ ବଦଳ ଗାଡି ଅବା ପାଦରେ ଲମ୍ବା ଯାତ୍ରା କଲାବେଳେ ଲେମ୍ବୁ ଓ ଲଙ୍କାକୁ ପ୍ରାକୃତିକ ଫର୍ଷ୍ଟ ଏଡ କିଟ୍ ଭାବେ ପାଖରେ ରଖୁଥିଲେ।





ଡିହାଇଡ୍ରେସନ୍ ସମୟରେ ଲେମ୍ବୁରସ ଶରୀରକୁ ଆରାମ ଦେଉଥିଲା। ଆଉ ସାପ କି ବିଛା କାମୁଡିଲେ ଲେମ୍ବୁ ଓ ଲଙ୍କା ବ୍ୟବହାର କରି ଶରୀରରେ ବିଷ ଅଛି କି ନାହିଁ ଜାଣୁଥିଲେ। ଯଦି ଲଙ୍କା ରାଗ ନ ଲାଗେ କି ଲେମ୍ବୁ ଖଟା ନ ଲାଗେ ତେବେ ବିଷ ଶରୀରରେ ବ୍ୟାପି ଗଲାଣି ବୋଲି ଜଣାଯାଉଥିଲା। କାରଣ ବିଷାକ୍ତ ସାପ କାମୁଡିଲେ ଶୀରା ପ୍ରଶିରା ପାରାଲାଇଜ୍ ହୋଇଯାଏ ଓ ସ୍ୱାଦ ଅନୁଭବ ହୁଏ ନାହିଁ। ଲୋକେ ଯାତ୍ରାରୁ ଫେରିବା ପରେ ଲେମ୍ବୁ ଲଙ୍କାକୁ ଘର ବାହାରେ ଟାଙ୍ଗି ଦେଉଥିଲେ। ଯେମିତିକି ପରବର୍ତ୍ତୀ ଯାତ୍ରା ସମୟରେ ଏହାକୁ ନେବା ଭୁଲିବେନି। ଧୀରେ ଧୀରେ ଏହି ଅଭ୍ୟାସ ପରମ୍ପରାରେ ପରିଣତ ହୋଇଗଲା। ସମୟ ସହ ଏହାର ତର୍କ ଜନିତ ବ୍ୟାଖ୍ୟା ଲୁଚିଗଲା। ଲୋକେ ଏହା ସ୍ଥାନରେ ଅନ୍ଧ ବିଶ୍ୱାସର କାହାଣୀ ଗଢିଲେ।




ଏହାବାଦ ଜ୍ୟୋତିଷ ଶାସ୍ତ୍ରରେ ବିଶ୍ୱାସ ରହିଛି ଯଦି କାହାରି କୁଣ୍ଡଳିନୀରେ ଶନିର ସ୍ଥିତି ଠିକ ନ ଥାଏ ତେବେ ଅନେକ ବାଧା ଉପୁଜେ ଓ ଦୁର୍ଭାଗ୍ୟ ଆସେ। ଅନେକେ ଶନିଙ୍କର ପ୍ରଭାବକୁ କମାଇବା ଲାଗି ମଙ୍ଗଳବାର ଓ ଶନିବାର ଲେମ୍ବୁ ଲଙ୍କା ମାଳ କରି ଲଗାନ୍ତି। ଈର୍ଷାଳୁ ନଜର ଓ ନକରାତ୍ମକ ଉର୍ଜାକୁ ଅବଶୋଷିତ କରିବାର ଶକ୍ତି ଏହା ଭିତରେ ଥାଏ ବୋଲି ବିଶ୍ୱାସ କରାଯାଏ। ଏହାକୁ ଲଗାଇବାର ଏକ ସପ୍ତାହ ପରେ ଫିଙ୍ଗି ଦିଆଯାଏ।

ତା'ସହ ଏହା ବି ବିଶ୍ୱାସ ରହିଛି ଯେ ଅଲକ୍ଷ୍ମୀ, ଯେକି ଦୁର୍ଭାଗ୍ୟର ପ୍ରତୀକ ତାଙ୍କୁ ଦୂରେଇବା ଲାଗି ଲେମ୍ବୁ ଲଙ୍କାର ମାଳ ଘରର ପ୍ରବେଶ ଦ୍ୱାର ନିକଟରେ ଝୁଲା ଯାଇଥାଏ। ଏହାକୁ ଯଦି କୌଣସି ସ୍ଥାନରେ ଝୁଲାଯାଇଥାଏ ତେବେ ଲୋକଙ୍କ ମନରେ ସାଧାରଣତଃ ସୁରକ୍ଷାର ଭାବ ଉତ୍ପନ୍ନ ହୋଇଥାଏ। ଲୋକେ ସ୍ଥାନଟିକୁ ସୁରକ୍ଷିତ ମଣନ୍ତି। ତେଣୁ ଏହାକୁ ଅନେକେ ଲଗାଇଥାନ୍ତି।

# ଦୁର୍ଗମ ପାଠାଗାର

ଲାଇବ୍ରେରୀ ବା ପାଠାଗାର ଏମିତି ଏକ ସ୍ଥାନ ଯେଉଁଠି ଲୋକେ ନିରୋଳାରେ ବସି ନିଜ ପସନ୍ଦର ବହି ପଢିଥାନ୍ତି। ଏଠାରେ ନ ଥାଏ କୋଳାହଳମୟ ପରିବେଶ ବରଂ ଥାଏ ଶାନ୍ତ ପରିବେଶ। ଆଉ ଏହା ସହରର ଏକ ମୁଖ୍ୟ ସ୍ଥାନରେ ରହିଥାଏ। ହେଲେ ଚାଇନା, ଗୁଆଙ୍କ୍ସି ପ୍ରାନ୍ତରେ ଅଛି ଏମିତି ଏକ ଲାଇବ୍ରେରୀ ଯାହାକି ଶାନ୍ତ ପରିବେଶ ଅଛିରେ ସତ, ହେଲେ ଏଠାକୁ ପହଞ୍ଚିବା ବହୁତ କଷ୍ଟ। ଉକ୍ତ ପାଠାଗାରର ନାଁ ହେଉଛି 'ମିୟାନହୁଆ' ପାଠାଗାର। ଏହାକୁ ଏକ ବଡ଼ ଗୁମ୍ଫାର ତୀଖ ବାହ୍ୟ କାନ୍ଥରେ ତିଆରି କରାଯାଇଛି। ତେଣୁ ଏଠାରେ ପହଞ୍ଚିବା ବହୁତ କଷ୍ଟ। ତେଣୁ ଏହାକୁ ପୃଥିବୀର ସବୁଠାରୁ ଦୁର୍ଗମ ଲାଇବ୍ରେରୀ କୁହାଯାଉଛି। ଏହା କେବଳ ପୁସ୍ତକପ୍ରେମୀଙ୍କ ପାଇଁ ନୁହେଁ ବରଂ ପର୍ଯ୍ୟଟକଙ୍କ ପାଇଁ ବି ଆକର୍ଷଣର କେନ୍ଦ୍ର ପାଲଟିଛି। କାରଣ ଏହି ପାହାଡର କାନ୍ଥରେ ଥାକ ଥାକ କରି ସାଇଜ୍‌ରେ ବହି ରଖାଯାଇଛି। ଲାଗେ ସତେ ଯେମିତି ବହିଥାକଗୁଡିକ ପାହାଡରେ ଝୁଲି ରହିଛି। ଏଠାକୁ ପହଞ୍ଚିବା ଲାଗି କାଠର ସରୁ ଝୁଲନ୍ତା ରାସ୍ତା ତିଆରି କରାଯାଇଛି। ତା'ସହ କାଠର ବାଲ୍‌କୋନି ବି କରାଯାଇଛି। ଯେଉଁଠି ଅଛି କିଛି ଚେୟାର ଟେବୁଲ, ସେଠାରେ ବସି ପାଠକମାନେ ବହି ପଢିପାରିବେ। ଦୂରରୁ ଏହି ପାଠାଗାରର ଦୃଶ୍ୟ ଦେଖିବାକୁ ମିଳେ। ଉକ୍ତ ପାଠାଗାର ଚଳିତ ବର୍ଷ ଖୋଲିଛି।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ୟାସୀ ଜୀ

# ଦେବତା, ଭଗବାନ ଓ ଈଶ୍ୱର

(ଭାଗ-୧୩)

ଗତ ଥରର ଲେଖାଟିର ସାରାଂଶ ଥିଲା- ଆଉ ଆଗକୁ ବଢ଼ ! ଏକ ସୁନ୍ଦର କାହାଣୀ ମାଧ୍ୟମରେ କୁହାଯାଇଥିଲା ଯେ ହେ ମାନବ ! କିଛି ଅଳିକ ଧନ ସମ୍ପତ୍ତି, ସ୍ତ୍ରୀ ପିଲାଛୁଆର ସଂସାର ଭିତରେ ବାନ୍ଧି ହୋଇଯାଇ ନିଜର ଯାତ୍ରାକୁ ସେଇଠି ଅଟକାଇ ଦିଅନାହିଁ । ଆଉ ଟିକେ ଆଗକୁ ବଢ଼ । ଅମାପ ସମ୍ପତ୍ତି ସେଠି ତୁମକୁ ଅପେକ୍ଷା କରିଛି । ପ୍ରଚୁର ସୁଖ, ଶାନ୍ତି ଏବଂ ଆନନ୍ଦର ଉତ୍ତାଳ ତରଙ୍ଗ ସେଠି ମଥା ପିଟୁଛି । ଅନ୍ତର୍ମୁଖୀ ହୁଅ । ଆହୁରି ଆଗକୁ ଯାତ୍ରା କର.... ।

ସେଇ ଲେଖାକୁ ପାଠ କରି ସିଦ୍ଧଳ, ଜଗତ୍‌ସିଂହପୁରର ଅବସରପ୍ରାପ୍ତ ଶିକ୍ଷକ ତଥା ଲେଖକ ବୈକୁଣ୍ଠନାଥ ମିଶ୍ର ମହୋଦୟ ନିଜ ଜୀବନର ଏକ ଅନୁଭୂତି କଥାକୁ ବଖାଣି ବସିଥିଲେ । ମିଶ୍ର ସାର୍‌ଙ୍କ ଜଣେ ଗୁରୁଜୀ ଥିଲେ । ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ସେଇ ଗୁରୁଜୀ ଲେଖାଯୋଖାରେ ସେ ମିଶ୍ର ମହୋଦୟଙ୍କ କକେଇ ହିସାବ ହେବେ । ସେଇ କକେଇଙ୍କୁ ମିଶ୍ର ସାର୍ ଯେତେବେଳେ ମୁଣ୍ଡିଆ ମାରୁଥିଲେ ସେତେବେଳେ ଆଶୀର୍ବାଦ କରି ସେ କହୁଥିଲେ- ଆହୁରି ଆଗକୁ ବଢ଼ । କେବଳ ମିଶ୍ର ସାର ନୁହନ୍ତି, ସେଇ ସଂସ୍କୃତ ଶିକ୍ଷକଙ୍କୁ ଯେତେବେଳେ ଯିଏ ପ୍ରଣାମ କରୁଥିଲେ ସେ ଆଶୀର୍ବାଦ କରି କହୁଥିଲେ- ଆଗକୁ ବଢ଼ । ଏ ହେଉଛି ପ୍ରାୟ ୨୫/୩୦ବର୍ଷ ତଳର କଥା । ତାଙ୍କ କକେଇ ଏବେ ଆଉ ନାହାନ୍ତି । କିନ୍ତୁ ଶ୍ରୀସନ୍ୟାସୀର ଲେଖାଟି ପାଠ କରିସାରିବା ପରେ ମିଶ୍ର ସାର୍ ନିଜ କକେଇଙ୍କ କଥା ମନେ ପକାଇ କହିଥିଲେ ଯେ ଦିନେ ତାଙ୍କୁ ସେ ପଚାରି ବସିଲେ- କକେଇ ! ମୁଁ ପିଲାଲୋକ । ଗୋଟିଏ କଥା ପଚାରୁଛି କିଛି ଖରାପ ଭାବିବେ ନାହିଁ । ଆପଣଙ୍କୁ ପ୍ରଣାମ କଲାବେଳେ ଆପଣ ଅନ୍ୟକିଛି ଆଶୀର୍ବାଦ ନ କରି କେବଳ 'ଆଗକୁ ବଢ଼' ବୋଲି କାହିଁକି କହୁଛନ୍ତି ? କକେଇ ଚଟକିନା ଉତ୍ତର ଦେଲେ- ଆଗକୁ ବଢ଼ିବୁନି ଆଉ କ'ଣ ପଛକୁ ଯିବୁ ? ମିଶ୍ର ସାର୍ କଥାର ଅର୍ଥ କିଛି ବୁଝି ନ ପାରିବାର ଜାଣି ସେ କହିଲେ- ଆଗକୁ ବଢ଼ିବା ହେଉଛି ସ୍ୱର୍ଗ । କିଏ କ'ଣ ପଛରେ ରହିଯିବାକୁ ଚାହେଁ କି ? ଆଗକୁ ବଢ଼ିବା ହେଉଛି ସମୃଦ୍ଧିର ଚିହ୍ନ । ଉନ୍ନତିର ସୂଚକ । ପଛରେ ରହିଯିବା ହେଉଛି କ୍ଷତି । ଏହା ହେଉଛି ନର୍କ । ମିଶ୍ର ସାର୍ ତଥାପି ନ ବୁଝିପାରିବାରୁ କକେଇ କହିଥିଲେ ପଛ ହେଉଛି ନର୍କ । ଆମେ ସମସ୍ତେ ସେଇ ନର୍କର ବାଟ ଦେଇ ଏ ସଂସାରକୁ ଆସିଚେ । ଆମର ଆଗକୁ ବଢ଼ିବା ଦରକାର..... ସ୍ୱର୍ଗ ଆଡ଼କୁ ଅଗ୍ରସର ହେବା ଦରକାର... । ତେବେ ଯାଇ ମନୁଷ୍ୟ ଜୀବନର ସାର୍ଥକତା ପ୍ରତିପାଦିତ ହେବ ।

ପ୍ରଚଣ୍ଡ ଜ୍ଞାନୀ ଥିବା ଏବଂ ସମୟ ସମୟରେ ଘର ସଂସାରରୁ ବାହାରି ହିମାଳୟକୁ ତପସ୍ୟା କରିବା ପାଇଁ ସଭିଙ୍କ ଅଗୋଚରରେ ବାହାରି ଯାଉଥିବା ମିଶ୍ର ସାର୍‌ଙ୍କ ସେଇ ସ୍ୱର୍ଗତ କକେଇଙ୍କ କଥା ଏବଂ ତାଙ୍କ ଆଶୀର୍ବାଦ ପଛରେ କି ଦାର୍ଶନିକ ତତ୍ତ୍ୱ ରହିଛି ସେକଥା ବେଶ୍ ସୁସ୍ପଷ୍ଟ । ଆମ ସମସ୍ତଙ୍କୁ ଆଗକୁ ବଢ଼ିବାକୁ ହେବ । ପରମାତ୍ମାଙ୍କ ସାଙ୍ଗରେ ମିଶିବାକୁ ହେବ । ଜୀବ ଯେପର୍ଯ୍ୟନ୍ତ ପରମ ପୁରୁଷଙ୍କ ସହ ନ ମିଶିଛି ସେ ପର୍ଯ୍ୟନ୍ତ ଜୀବର ନିସ୍ତାର ନାହିଁ । ପରମାତ୍ମା ଆମଠାରୁ ଆଦୌ ଦୂରରେ ନାହାନ୍ତି । ସେ ଆମ ସହ ମିଶିକି ଅଛନ୍ତି । ସେ ଏତେ ପାଖରେ ଅଛନ୍ତି ଯେ ସେ ଦୂରତାକୁ ମାପିବା ପାଇଁ ବିଶ୍ୱର କେଉଁ ମାପକ ଯନ୍ତ୍ର ସମର୍ଥ ହେବେନି । ଭାବିଲେ ସେ ଖୁବ୍ ନିକଟରେ । ଅଭାବନାରେ ସେ ପୁଣି ବହୁ ଦୂରରେ । ଯେଉଁ ଲୋକ କୁହେ ଯେ ମୁଁ ଈଶ୍ୱରଙ୍କୁ ଅନୁଭବ କରିପାରୁନି । ଭାବନ୍ତୁ ଯେ ସେ ଲୋକର ଭାବନା ନାହିଁ । ତା' ଭିତରେ ଭାବର ମରୁଡ଼ି ପଡ଼ିଛି । ଭାବର ଜଳ ଶୁଷ୍କ ହୋଇଯାଇଛି । ଯିଏ ଭାବୁଛି, ଚିନ୍ତନ କରୁଛି.. ଯିଏ ଲୟ ରଖିଛି, ପରମାତ୍ମା ତା' ନିକଟରେ ପାଖେ ପାଖେ ଅଛନ୍ତି । କେବଳ ପାଖେ ପାଖେ ନୁହେଁ ବନ୍ଧୁ, ସେ ନିଜେ ହିଁ ଭଗବାନ ପାଲଟି ଯାଇଛନ୍ତି । ସେଦିନ ଭଗବାନ ଶ୍ରୀସତ୍ୟସାଇ ନିଜ ପ୍ରବଚନରେ କହୁଥିଲେ ଯଦି କିଏ ଭଗବାନ କେଉଁଠି ଅଛନ୍ତି ବୋଲି କେବେ ପଚାରେ, ତେବେ ସିଧା ଅଙ୍ଗୁଳି ନିର୍ଦ୍ଦେଶ କରିଦିଅ ପୁଟପର୍ତ୍ତି(ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାର ପୁଟପର୍ତ୍ତି ହେଉଛି ଶ୍ରୀସତ୍ୟସାଇ ବାବାଙ୍କ ଆଶ୍ରମ)କୁ । ମୁଁ ଭଗବାନ.. ଆପଣମାନେ ଭଗବାନ । ପାର୍ଥକ୍ୟ ଏତିକି ଯେ ମୁଁ ଭଗବାନ ବୋଲି ନିଜେ ଜାଣିଛି କିନ୍ତୁ



ଆପଣ ଭଗବାନ ବୋଲି ନିଜେ ଜାଣିପାରୁନାହାନ୍ତି ।

ପାଠକେ ! ଏ ସୃଷ୍ଟିକୁ ଯିଏ ତିଆରି କରିଛି ଅର୍ଥାତ୍ ଯିଏ ସ୍ରଷ୍ଟା ସେ ଆମର ଏଇ ଶରୀର ଭିତରେ ଅଛନ୍ତି । ଆମେ କିନ୍ତୁ ଅଭାଗା ଜାଣିପାରୁନେ । ତାଙ୍କ ଦ୍ୱାରା ପ୍ରଦତ୍ତ ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟକୁ ଭୋଗ କରୁଛେ... ସଂସାରକୁ ଉପଭୋଗ କରୁଛେ କିନ୍ତୁ ସ୍ରଷ୍ଟାକୁ ଭୁଲିଯାଉଛେ । ଜଣେ ପଚାରିବ ଯଦି ଈଶ୍ୱର ବା ସ୍ରଷ୍ଟା ଆମ ଶରୀର ଭିତରେ ଅଛନ୍ତି ତେବେ ଆମେ ଜାଣିବୁ କିପରି ? ସେ ଏ ଶରୀର ଭିତରେ ଚୁପ୍‌ଚାପ ହୋଇ ଲୁଚିକି ବସିଛନ୍ତି ନା ପଦାକୁ ବାହାରୁଛନ୍ତି ? ହଁ, ସେ ଆମ ଶରୀର ଭିତରେ ଲୁଚି ରହି ବସି ଆମର ସମସ୍ତ ଭାବନା ଏବଂ କର୍ମକୁ ରେକର୍ଡ କରୁଛନ୍ତି । ଆମର ଯାବତୀୟ କର୍ମର ସେ ହେଉଛନ୍ତି ସାକ୍ଷୀ । ସନ୍ୟାସୀର ମତରେ ସେ ହେଉଛନ୍ତି ସାକ୍ଷୀ ପରମାତ୍ମା । ସେ ଯେ ଲୁଚି କି ବସିଛନ୍ତି ତା' ନୁହେଁ, ସେ ଲୁଚିକି ବସିବା ଲୋକ ନୁହନ୍ତି । ସେ ଶରୀର ବାହାରକୁ ବାହାରନ୍ତି । ପୁଣି ଶରୀର ଭିତରକୁ ପ୍ରବେଶ କରନ୍ତି । ଆପଣ ପଚାରିବେ କେତେ ଥର ସେ ଏମିତି ଯିବା-ଆସିବା କରନ୍ତି ? ସେ ଏତେ ଥର ଯିବା ଆସିବା କରନ୍ତି ଯେ, ଆପଣ କଳ୍ପନା କରିପାରିବେ ନାହିଁ । ଦିନ-ରାତି ୨୪ ଘଣ୍ଟାରେ ସେ ସମୁଦାୟ ୨୧୬୦୦ ଥର ଯିବା ଆସିବା କରନ୍ତି । ଆପଣ ଭାବିବେ କେଡେ ଅସ୍ଥିର ସେ ଈଶ୍ୱର ମ ? ବସିବେ ତ ବସିବେ ଗୋଟିଏ ଜାଗାରେ ସ୍ଥିର ହୋଇ ବସନ୍ତେ । ଏତେ ଥର କିଆଁ ସେ ଭିତର- ବାହାର ହେଉଛନ୍ତି ? ଆଜ୍ଞା, ଭିତର- ବାହାର ହେଉଛନ୍ତି ବୋଲି ତ ଆପଣ ସଂସାରରେ ଅଛନ୍ତି । ଶରୀରଟି ଆପଣଙ୍କର ତିଷ୍ଠି ରହିଛି । ସିଏ ଯେଉଁଦିନ ବାହାରକୁ ଯିବେ... ଆଉ ଭିତରକୁ ପଶିବେ ନାହିଁ ସେଇଦିନ ଆମର ସବୁ ଫୁଟାଣି ଛାଡ଼ିଯିବ । ମୁଁ ଡାକ୍ତର... ମୁଁ ଇଞ୍ଜିନିୟର.. ମୁଁ କୁବେର... ମୁଁ କୋଟିପତି... ମୁଁ ଭଲ କୁହାଳିଆ... ଆମର ସବୁ ନାଟକବାଜି ସେଦିନ ବନ୍ଦ ହୋଇଯିବ । ଘରେ କାନ୍ଦ ବୋବାଳି ପଡ଼ିବ । ଦରକାର ହେବ ଛ' ଖଣ୍ଡ କାଠର କୋକେଇ । ଟିକେ ଘିଅ... ଗୋଟିଏ ସଳିତା ଆଉ କିଛି କାଠ । ନିମିଷକ ମଧ୍ୟରେ ଅଗ୍ନିରେ ନିଶ୍ଚିହ୍ନ ହୋଇଯିବ ଆମର ଏଇ ଶରୀର । ଶେଷରେ ରହିଯିବ କେବଳ ମୁଠାଏ ପାଉଁଶ । ବାସ୍, ଏତିକି ହିଁ ହେଉଛି ଆମ ଜୀବନର ଔକାତ ।

ତେଣୁ ସଦାସର୍ବଦା ସେଇ ପବନ ସ୍ୱରୂପୀ ପରମାତ୍ମାଙ୍କୁ ଚିନ୍ତନ କରିବା ଉଚିତ । କେବଳ ଠାକୁର ଘରେ ଯେ, ଈଶ୍ୱରଙ୍କୁ ସ୍ମରଣ କରିବେ ଆଉ ରୋଷେଇ ଘରେ ସ୍ମରଣ କରିବେ ନାହିଁ, ସେ କଥା ନୁହେଁ । ଯେଉଁଠି ରହିଲେ ପ୍ରତିଟି ଶ୍ୱାସ ପ୍ରଶ୍ୱାସରେ ଆତଯାତ ହେଉଥିବା ଈଶ୍ୱରଙ୍କଠି କେବଳ ଲୟ ରଖିବା ଉଚିତ । ଈଶ୍ୱରଙ୍କ ନାମକୁ କ'ଣ ଜପ କରାଯାଇପାରେ ? ଆଦୌ ନୁହେଁ । ସିଏ ହେଉଛନ୍ତି ନିରାକାର । ପବନର କିଛି ସ୍ୱରୂପ ଅଛି କି ? ଈଶ୍ୱରଙ୍କ ବେଦ ବର୍ଣ୍ଣିତ ସ୍ୱରୂପ ହେଉଛି ନିରାକାର । ସେ ହିନ୍ଦୁ ହୁଅନ୍ତୁ ବା ଇସାଇ, ଖ୍ରୀଷ୍ଟିଆନ ହୁଅନ୍ତୁ ବା ପାର୍ସିଆନ, ସମସ୍ତେ ନାକ ପୁଡ଼ା ବାଟେ ପବନ ନେଉଛନ୍ତି ନା ନାହିଁ ? ନାକ ପୁଡ଼ାକୁ ଜୋରରେ ଚାପି ଧରି ପବନର ପ୍ରବାହକୁ ବନ୍ଦ କରିଦେଲେ ଆମର ସବୁ ଫୁଟାଣି ଶେଷ । ଜାତି, ସମ୍ପ୍ରଦାୟ, ସବୁ ବାଦବିବାଦ, ତୋର- ମୋର, ମୋ ଗୁରୁ ପୁରୁଷୋତ୍ତମ -ତୋ ଗୁରୁ ଅଣପୁରୁଷୋତ୍ତମ.... ଇତ୍ୟାଦି ସବୁ ବାହାଦୁରି ଶେଷ । ଏ ଶରୀର ଭିତରେ ସେ ଥିଲେ ହିଁ ସବୁ ଲୀଳାଖେଳା । ସେ ନ ଥିଲେ ସବୁ ଶେଷ ।

ସେଇ ଅଜପା ନାମକୁ ଏବେଠୁ ଚିନ୍ତନରେ ରଖିଲେ ଅଣଚାଶ ପବନ ବହିବା ବେଳକୁ ଆମକୁ ବିଭୁ ସ୍ମରଣ ପାଇଁ ବିଶେଷ କଷ୍ଟ ଅନୁଭୂତ ହେବନି । ସଂସାରର ଯେତେ ନାମ ସେସବୁ କେବଳ ସମର୍ଥ ବେଳର କାରଣ । ବଳ ବୟସ ଅଛି ତ କୀର୍ତ୍ତନରେ କେତେ ଡେଇଁବ ଡିଅଁ... କେତେ କେଉଁ ମନ୍ତ୍ର ଜପ କରିବ କର । କିନ୍ତୁ ଶେଷ ବେଳକୁ ଯେତେବେଳେ ସ୍ମୃତିଶକ୍ତି ଲୋପ ପାଇଯାଇଥିବ, ଇନ୍ଦ୍ରିୟଗୁଡ଼ିକ ନିସ୍ତେଜ ହୋଇପଡ଼ିଥିବେ, ଚେତନା ଶକ୍ତି ନ ଥିବ, ସେତେବେଳେକୁ କେଉଁ ମନ୍ତ୍ର କାମରେ ଆସିବ ? ତାହା ହେଉଛି ଅଜପା ମନ୍ତ୍ର । ସେ ମନ୍ତ୍ରକୁ ଆଜ୍ଞା ଜପ କରାଯାଏ ନାହିଁ । ତାହା ଆପେ ଆପେ ଦିନରାତି ଜପ ହେଉଛି । ଆମର ଏକମାତ୍ର ଦାୟିତ୍ୱ - କେବଳ ସେଥିପ୍ରତି ଟିକେ ଲୟ । ଖାଉଥିବା ବେଳେ... ଖେଳୁଥିବା ବେଳେ... ଶୋଉଥିବା ବେଳେ.. ଶୌଚାଳୟରେ କିମ୍ବା ସାଙ୍ଗସାଥିରେ ଥିବାବେଳେ କିମ୍ବା ବୃତ୍ତିରେ ଥିବାବେଳେ ଆମେ କେବଳ ତାଙ୍କୁ ଟିକେ ସ୍ମରଣରେ ରଖିବା । ଏହି କାର୍ଯ୍ୟଟି ଆଜିଠାରୁ... ନା ଏବେଠାରୁ ଆରମ୍ଭ କରିଦେବା ଉଚିତ ।

*-ସମ୍ପାଦକ, ଦିବ୍ୟାଲୋକ ସନ୍ଧାନେ (ଆଧ୍ୟାତ୍ମିକ ପତ୍ରିକା),*
*ତେଲେଙ୍ଗାପେଣ୍ଠ, କଟକ. ମୋ-୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଫେରିବାକୁ ହେବ

**ରଶ୍ମି ସାହୁ, ପ୍ରକାଶକ- ପକ୍ଷୀଘର ପ୍ରକାଶନୀ**
**ମଧୁସୂଦନ ନଗର, ଭୁବନେଶ୍ୱର-୧, ମୂଲ୍ୟ- ୨୫୦ଟଙ୍କା**





'ଫେରିବାକୁ ହେବ' ପୁସ୍ତକରେ ୫୨ କବିତା ପ୍ରକାଶିତ ହୋଇଛି । କବୟିତ୍ରୀ ରଶ୍ମି ସାହୁ ନିଜ ଚାରିପାଖରେ ଘଟୁଥିବା ଘଟଣାକୁ ନେଇ କବିତା ରଚନା କରିବା ସହ କବିତା ଭିତରେ ସେ ନିଜକୁ ହଜାଇ ଦେଇଛନ୍ତି । କବିତା ତାଙ୍କ ହୃଦୟକୁ ମନୋଇ ଝିଅପରି ଆନ୍ଦୋଳିତ କରୁଛି । ସେହିପରି ସେ କେତେକ କବିତାରେ ନିଜ କଥା ମଧ୍ୟ କହିଛନ୍ତି । ଯେଉଁଥିରେ ଘର, ସମ୍ପର୍କ, ପ୍ରେମ ଓ ନିବିଡ଼ ଭଲପାଇବା ରହିଛି । କୋଳାହଳକୁ ଆବୋରି ନେଇଥିବା ଶବ୍ଦ, ଶୂନ୍ୟତାକୁ ଆଦରି ନେଇଥିବା ନିଃସଙ୍ଗ ଖରାବେଳ ପରି । ରଶ୍ମିଙ୍କ ଲେଖା ଆହୁରି ଶାଣିତ ଏବଂ ଗତିଶୀଳ ହେଉ । ପୁସ୍ତକଟି କବିତାକୁ ଭଲ ପାଉଥିବା ଏବଂ ଓଡ଼ିଆ ସାହିତ୍ୟରେ ରୁଚି ରଖୁଥିବା ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା ।

### ଶିରିଡ଼ି ସାଇ

**ପ୍ରଫେସର ଦାମୋଦର ପରିଡ଼ା, ପ୍ରକାଶକ- ଶିଶୁ କଲମ**
**ବି-୯ ଶହୀଦ ନଗର, ଭୁବନେଶ୍ୱର, ମୂଲ୍ୟ-୨୦୦ଟଙ୍କା**

ପୁସ୍ତକଟି ଦୂରଦର୍ଶନରେ ପ୍ରକାଶିତ ନାଟକର ରୂପ । ଏଥିରେ ୪୯ ପରିଚ୍ଛେଦ ରହିଛି । ଲେଖକ ୨୦୦୧ରେ ସାଇଙ୍କ ଧାରାବାହିକ ପ୍ରସାରଣ ପାଇଁ ଦୂରଦର୍ଶନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଥିଲେ । ଏହା ୨୦୦୫ରୁ ୨୦୦୭ ମସିହା ପର୍ଯ୍ୟନ୍ତ ପ୍ରତି ସୋମବାର ୧୦୪ ଅଧ୍ୟାୟରେ ପ୍ରସାରିତ ହୋଇ ଲୋକପ୍ରିୟ ଧାରାବାହିକ ଭାବେ ପରିଚିତ ହୋଇଥିଲା । ଧାରାବାହିକରେ ପ୍ରସାରିତ ବାବାଙ୍କର ଲୀଳାଗୁଡ଼ିକୁ ଏକତ୍ରିତ କରି ଶିରିଡି ସାଇ ନାଟକ ବହିଟିକୁ ସଂକଳିତ କରାଯାଇଛି । ସାଇଙ୍କର ଆଶୀର୍ବାଦ ଯୋଗୁ ଶିରିଡି ସାଇ ଧାରାବାହିକଟି ପ୍ରସାରିତ ହେବା ପରେ ଏହା ପୁସ୍ତକ ଭାବେ ପ୍ରକାଶିତ ହୋଇଛି । ସାଇବାବାଙ୍କର ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଏହି ପୁସ୍ତକଟି ପାଠକରି ବାବାଙ୍କ ଅନନ୍ୟ ଲୀଳା ସମ୍ପର୍କରେ ଜାଣିବାକୁ ପାଇବେ । ପୁସ୍ତକଟି ସାଇଭକ୍ତଙ୍କ ପାଇଁ ନିଶ୍ଚିତଭାବେ ଏକ ଉପାଦେୟ ପୁସ୍ତକ ।



# ଗୋଟେ ଗୋଡରେ ଛତା ସନ୍ତୁଳନ

**ଏ**କ ଚେୟାରର ବସିବା ସ୍ଥାନରେ ତଥା ସିଟ୍ ଉପରେ ମୁଣ୍ଡ ରଖି ଶୋଇ, ଗୋଡ ଦୁଇଟିକୁ ଉପରକୁ ଟେକି ଦୁଇ ହାତକୁ ଦୁଇ ପାର୍ଶ୍ୱକୁ ମେଲେଇ ରଖି ଦୁଇ ହାତରେ ଦୁଇଟି ଖୋଲା ଛତା ଓ ଗୋଟିଏ ଗୋଡରେ ୧୪ଟି ଖୋଲା ଛତାକୁ ଗୋଟାକ ଉପରେ ଗୋଟେ ସୁନ୍ଦରଭାବେ ପିରାମିଡ଼ ଆକାରରେ ରଖି ଜଣେ ମହିଳା ରେକର୍ଡ ସୃଷ୍ଟି କରିଛନ୍ତି। ଦୃଶ୍ୟଟି ବେଶ୍ ଅଜବ ଓ ଅବିଶ୍ୱସନୀୟ ଲାଗୁଥିବ। ହେଲେ ଏହା ବାସ୍ତବ। ଜଣେ ମହିଳା ଏଭଳି ଭାବେ ଖୋଲା ଛତାକୁ ସନ୍ତୁଳନ ରକ୍ଷା କରି ଗୋଡରେ ଧରି ରେକର୍ଡ କରିଛନ୍ତି। ଏହି ମହିଳାଜଣକ ହେଉଛନ୍ତି ଚାଇନାର ଲି ସଙ୍ଗମ୍ୟାନ। ସେ ଏଭଳି ପୋଜ୍‌ରେ ଛତାଗୁଡ଼ିକୁ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖି ଏହି ରେକର୍ଡ ସୃଷ୍ଟି କରିଛନ୍ତି। ଏହି ଦୃଶ୍ୟ ବି



ଦେଖିବାକୁ ବେଶ୍ ସୁନ୍ଦର ଓ ଆକର୍ଷକ ଲାଗୁଥିଲା। ଛତାଗୁଡ଼ିକ ଖୁବ୍ ସୁନ୍ଦରଭାବେ ସଜାଇ ହୋଇ ରହିଥିଲା। ସାମାନ୍ୟ ଟିକେ ହଲଚଲ୍‌ରେ ପଡ଼ିଯିବାର ଆଶଙ୍କା ଥିଲା। ଛତାଗୁଡ଼ିକ ଚାଇନାର ସୁନ୍ଦର ସୁନ୍ଦର ଡିଜାଇନ୍‌ର କାଗଜ ଛତା ଥିଲା। ପ୍ରଥମେ ସେ ଛତାଗୁଡିକୁ ପିରାମିଡ ଆକାରରେ ସାଇଜ୍‌ରେ ରଖିଥିଲେ। ପରେ ଚେୟାରେ ଏଭଳି ପୋଜ୍‌ରେ ଶୋଇଥିଲେ। ଜଣେ ସହାୟିକା ସେହି ଛତାଗୁଡ଼ିକୁ ବେଶ୍ ସନ୍ତର୍ପଣରେ ଆଣି ତାଙ୍କର ଗୋଟିଏ ଗୋଡ଼ରେ ରଖିଥିଲେ। ଆଉ ୧୦ ସେକେଣ୍ଡ ପର୍ଯ୍ୟନ୍ତ ସେଗୁଡିକୁ ନ ପକାଇ ଧରି ରଖି ଏହି ରେକର୍ଡ କଲେ।



ବ୍ୟାକ୍ ପେଜ୍

# ରୋବୋ ଶିକ୍ଷୟିତ୍ରୀ

**କେ**ରଳ, ତିରୁଅନନ୍ତପୁରମ୍‌ର କେଟିସିଟି ହାୟର ସେକେଣ୍ଡାରୀ ସ୍କୁଲରେ ଦେଖିବାକୁ ମିଳୁଛି ଏକ ରୋବୋ ଶିକ୍ଷୟିତ୍ରୀ, ଯାହାର ନାଁ ଆଇରିସ୍। ସୁନ୍ଦରଭାବେ ଶାଢି ପିନ୍ଧି କପାଳରେ ବିନ୍ଦି ଲଗାଇ ପୁରାପୁରି ଭାରତୀୟ ନାରୀ ବେଶପୋଷାକରେ ଶ୍ରେଣୀଗୃହରେ ପିଲାଙ୍କୁ ଖୁବ୍ ଭଲଭାବେ ବୁଝାଇ ପଢାଉଛି ଏହି ରୋବୋ ଶିକ୍ଷୟିତ୍ରୀ। ଯାହାକି ଆଧୁନିକ ଟେକ୍ନଲୋଜି ଓ ପରମ୍ପରାର ଏକ ସୁନ୍ଦର ସମିଶ୍ରଣ। ମେକରଲ୍ୟାବ୍ସ ଏଡୁଟେକ୍‌ର ସହାୟତାରେ ବିକଶୀତ ଏହି ରୋବୋ ଶିକ୍ଷୟିତ୍ରୀ ହେଉଛି ଭାରତର ପ୍ରଥମ ହ୍ୟୁମାନୋଏଡ ରୋବୋ ଶିକ୍ଷକ, ଯାହାକି ସାରା ଦେଶର ଦୃଷ୍ଟି ଆକର୍ଷଣ କରୁଛି। ଭଏସ୍ ଆସିଷ୍ଟାନ୍ସ ମାଧ୍ୟମରେ ଏହା ଇଣ୍ଟରାକ୍ଟିଭ୍ ଲର୍ନିଂ ପ୍ରଦାନ କରୁଛି। ନ ରାଗି ଓ ବିରକ୍ତ ନ ହୋଇ ପିଲାମାନେ ଯେତେଥର ପଚାରିଲେ ବି ଏହା ପିଲାଙ୍କୁ ବାରମ୍ବାର ଗୋଟିଏ ଜିନିଷ ବୁଝାଉଛି। ପିଲାଙ୍କୁ ସମ୍ପୂର୍ଣ୍ଣ ଠିକ୍ ଓ ନିର୍ଭୁଲଭାବେ ପଢାଉଛି। ଏହା ଏକ ମଲ୍ଟି ଲିଙ୍ଗୁଆଲ ବା ବହୁଭାଷୀ ଇନଷ୍ଟ୍ରକ୍ଟର। ତେଣୁ ଏହାକୁ ଭାରତର ବିଭିନ୍ନ ରାଜ୍ୟରେ ବ୍ୟବହାର କରିହେବ। ତା'ଛଡ଼ା ଭାରତରେ ଏମିତି ବହୁତ ସ୍କୁଲ ଅଛି ଯେଉଁଠି ଶିକ୍ଷକଙ୍କ ଅଭାବ ରହିଛି। ଏଭଳି ରୋବୋ ଶିକ୍ଷକଙ୍କର ଅଭାବକୁ ପୂରଣ କରିବା ସହ ଶିକ୍ଷାର ମାନ ବଢାଇପାରିବ ବୋଲି ଆଶା କରାଯାଉଛି। ଶିକ୍ଷକଙ୍କ କାର୍ଯ୍ୟଭାର ବି କମାଇବ। ତେଣୁ ରୋବୋ ଶିକ୍ଷକ ଶିକ୍ଷୟିତ୍ରୀ ନିଶ୍ଚିତଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।



# ମୁଣ୍ଡରେ ୫୧୧ ଗ୍ଲାସ୍



**ମୁ**ଣ୍ଡରେ ଗୋଟେ ଗ୍ଲାସ୍ ରଖି ଚାଲିପାରିବେ ? ନିଶ୍ଚିତଭାବେ ଏହା କଷ୍ଟକର। ବେଳେବେଳେ ଅସମ୍ଭବ ବି ମନେ ହୁଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ସାଇପ୍ରେସ୍‌ର ୬୪ ବର୍ଷୀୟ ଆରିଷ୍ଟୋଟେଲିସ୍ ଭାଲାଓରିଟିସ୍ ନାମକ ବ୍ୟକ୍ତି ମୁଣ୍ଡରେ ଗୋଟିଏ କି ଦୁଇଟି ନୁହେଁ ବରଂ ଶହ ଶହ ଗ୍ଲାସ୍ ରଖି ଚାଲିପାରନ୍ତି। ଏମିତି କରି ସେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ଆରିଷ୍ଟୋଟେଲିସ୍ ପ୍ରକୃତରେ ଜଣେ ଗ୍ଲାସ୍ ଡ୍ୟାନ୍ସର। ସେ ୧୯୯୫ ମସିହା ପର୍ଯ୍ୟନ୍ତ ବିଭିନ୍ନ ରେଷ୍ଟୁରାଣ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ମୁଣ୍ଡରେ ଗ୍ଲାସ୍ ରଖି ନୃତ୍ୟ କରୁଥିଲେ। ପରେ ନିଜର ଏହି ପେସା ଦ୍ୱାରା ସେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇବାକୁ ଯୋଜନା କରିଥିଲେ। ଆଉ ମୁଣ୍ଡରେ ଶତାଧିକ କାଚଗ୍ଲାସ୍ ରଖିବାର ଅଭ୍ୟାସ କଲେ। ଯାହାଫଳରେ ପରେ ସେ ୫୧୧ଟି କାଚ ଗ୍ଲାସ୍‌କୁ ମୁଣ୍ଡରେ ପ୍ଲାଏଉଡ୍ ଉପରେ ସାଇଜ୍‌ରେ ଥାକ ଥାକ କରି ରଖି ପୁରା୧୫ ସେକେଣ୍ଡ ପର୍ଯ୍ୟନ୍ତ ନ ପକାଇ ରଖିଲେ। ଏସବୁ ଗ୍ଲାସ୍‌ର ଓଜନ ୬୩ କି.ଗ୍ରା.ର ଥିଲା। ପୂର୍ବରୁ ସେ ୩୧୯ଟି ଗ୍ଲାସ୍ ମୁଣ୍ଡରେ ରଖି ଏହି ରେକର୍ଡ କରିଥିଲେ। ଏବେ ସେ ୫୧୧ଟି ଗ୍ଲାସ୍ ମୁଣ୍ଡରେ ରଖି ନିଜର ପୂର୍ବ ରେକର୍ଡ ଭାଙ୍ଗି ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ୬୪ ବର୍ଷ ବୟସରେ ଉକ୍ତ ରେକର୍ଡ କରି ସେ ପ୍ରମାଣିତ କରିଦେଇଛନ୍ତି ଯେ ବୟସ କେବଳ ଏକ ନମ୍ବର। ମନରେ ଯଦି କିଛି କରିବାର ଝୁଙ୍କ ଅଛି ଓ ମନୋବଳ ଦୃଢ ଅଛି ତେବେ ବୟସ କେବେ ସଫଳତା ପଥରେ ଅନ୍ତରାୟ ସାଜିବନି।